## ସଂକ୍ଷେପରେ

### କାଂଶବାଂଶ ନଦୀରେ ବୁଡ଼ି ନାବାଳକ ମୃତ

**ସୋର,୬।୩(ଡି.ଏନ.ଏ.):** ସୋର ଥାନା ତେନ୍ତୁଳିଆପଡ଼ା ଗ୍ରାମର ଜ୍ୟୋତିପ୍ରକାଶ ପ୍ରଧାନ (୯) ନାମକ ଜଣେ ବାଳକ ସ୍ଥାନୀୟ କାଂଶବାଂଶ ନଦୀରେ ବୁଡି ଯାଇ ମୃତ୍ୟୁବରଣ କରିଛନ୍ତି। ସେ ଶୌଚ ହେବା ପାଇଁ ନଦୀକୁ ଯାଇଥିବା ବେଳେ ଗଣ୍ଡରେ ପଡ଼ି ଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ପରେ ଗଣ୍ଡରେ ମୃତଦେହ ଭାସିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ତାଙ୍କୁ ସୋର ଡାକ୍ତରଖାନା ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୋର ପୋଲିସ ଶବ ଜବତ କରି ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

**ସୋର,୬।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଟେଣ୍ଟେଇ ଅଞ୍ଚଳର ଜଣେ ଯୁବକ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ସୋର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି। ନାବାଳିକା ଜଣକ ନିଜ ସାନଭଉଣୀ ସହିତ ମହାଦେବ ମନ୍ଦିରକୁ ଜାଗର ଯାତ୍ରା ଦେଖିବାକୁ ଯାଇଥିଲେ। ଅଭିଯୁକ୍ତ ଯୁବକ ସମ୍ପୃକ୍ତ ନାବାଳିକାଙ୍କୁ ସ୍ଥାନୀୟ ବିଲ ମଝିକୁ ଟେକି ନେଇ ବଳାତ୍କାର କରିଥିଲେ। ପୀଡିତାଙ୍କ ସାନଭଉଣୀ ପରିବାରକୁ ଜଣାଇବା ପରେ ସେମାନେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଗ୍ରାମବାସୀ ଯୁବକଙ୍କୁ ଅଟକାଇ ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ ଏଥିରେ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ପରିବାର ଲୋକେ ସ୍ଥାନୀୟ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଥିଲେ।

### ଉପକୃତ ହେବେ ୩ଲକ୍ଷ ଅଣସଂଗଠିତ ଶ୍ରମିକ

**ବାଲେଶ୍ୱର ଅଫିସ,୬।୩:** ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶ୍ରମଯୋଗୀ ମାନଧନ ଯୋଜନାରେ ବାଲେଶ୍ୱର ଜିଲାର ୩ଲକ୍ଷ ଅଣସଂଗଠିତ ଶ୍ରମିକ ଉପକୃତ ହୋଇ ପାରିବେ। ଭାଜପା ଜିଲା କୃଷକମୋର୍ଚ୍ଚାର ପ୍ରଭାରୀ ଶୁଭଙ୍କର ମହାପାତ୍ର ବୁଧବାର ଏକ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି। ଶ୍ରମଯୋଗୀ ମାନଧନ ଯୋଜନାରେ ୧୮ ବର୍ଷରୁ ୪୦ବର୍ଷର ଅଣସଂଗଠିତ ଶ୍ରମିକମାନେ ସାମିଲ ହୋଇ ପାରିବେ। ଚା'ଦୋକାନ, ଖୁଚୁରା ଦୋକାନ, ରେଷ୍ଟୁରାଣ୍ଟ, ଯାନବାହନ ମରାମତି ଦୋକାନ, ନିର୍ମାଣ ଆଦି କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୮ରୁ ୪୦ ବର୍ଷ ଭିତରେ ଥିବା ଶ୍ରମିକମାନେ ଯଥାକ୍ରମେ ୫୫ରୁ ୨୦୦ଟଙ୍କା ପର୍ଯ୍ୟନ୍ତ ମାସିକ ଜମା କଲେ ୩ହଜାର ଟଙ୍କାର ପେନସନ୍ ୬୦ ବର୍ଷ ପରେ ପାଇବା ନିମନ୍ତେ ହକ୍‌ଦାର ହେବେ। ଏଥିନିମନ୍ତେ ସେହି ଶ୍ରମିକମାନେ ପାଖ ଏଲ.ଆଇ.ସି, ବୀମା ଏଜେଣ୍ଟ ଓ ଇ.ଏସ୍.ଆଇ. ପ୍ରଭିଡେଣ୍ଟ ଫଣ୍ଡ , ସି.ଏସ୍.ସି. ଶ୍ରମବିଭାଗ କାର୍ଯ୍ୟାଳୟରେ ଅନ୍‌ଲାଇନ୍ ମାଧମରେ ନାମ ପଞ୍ଜୀକରଣ କରାଇ ପାରିବେ। ବାଲେଶ୍ୱର ଜିଲାପ୍ରଶାସନ ଅଣସଂଗଠିତ ଶ୍ରମିକଙ୍କ ପଞ୍ଜୀକରଣ ଓ ଆବେଦନକୁ ଅନ୍‌ଲାଇନ୍‌ରେ ଯଥାଶୀଘ୍ର ଜମାକରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ମହାପାତ୍ର ଅନୁରୋଧ କରିଥିଲେ।

# ଅପେକ୍ଷାର ଅନ୍ତ: ଅଟକିଲା ଧଉଳି ଏକ୍ସପ୍ରେସ

**ସିମୁଳିଆ,୬।୩(ଡି.ଏନ.ଏ.)**

ଦୀର୍ଘଦିନର ଦାବି ଓ ଆନ୍ଦୋଳନ ପରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ମାର୍କୋଣା ରେଳ ଷ୍ଟେଶନରେ ଧଉଳି ଏକ୍ସପ୍ରେସର ରହଣି ବୁଧବାର ଆରମ୍ଭ ହୋଇଛି। ଷ୍ଟେଶନର ବିକାଶ ଓ ଅଞ୍ଚଳବାସୀଙ୍କ ଦାବି ପ୍ରତି ରେଳ ବିଭାଗର ଅବହେଳା ଓ ପ୍ରତାରଣାର ଅନ୍ତ ଘଟିବାକୁ ଯାଉଥିବାରୁ ଏହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଧଉଳି ଏକ୍ସପ୍ରେସ ରହଣି ପରିପ୍ରେକ୍ଷୀରେ ସକାଳ ୯ଟାରେ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହା ଷ୍ଟେଶନ ପର୍ଯ୍ୟନ୍ତ ଆସିବା ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସିମୁଳିଆ ଖଇରା ନାଗରିକ ମଞ୍ଚର ବିଭିନ୍ନ କର୍ମକର୍ତ୍ତାଙ୍କ ସମେତ ପୂର୍ବତନ ବିଧାୟକ ପଦ୍ମଲୋଚନ ପଣ୍ଡା, ରଣଜିତ ଦାସ ପ୍ରମୁଖ ସଭାରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ମାର୍କୋଣା ଷ୍ଟେଶନରେ ଧଉଳି ଏକ୍ସପ୍ରେସର ରହଣି ପାଇଁ ଜନସାଧାରଣଙ୍କ ଦାବିକୁ କେନ୍ଦ୍ର ସରକାର ମାନି ନେଇଥିବାରୁ ସଭାରେ ସ୍ୱାଗତ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଏହା ଅବଦାନ ବୋଲି ବକ୍ତାମାନେ କହିଥିଲେ। ପରେ ଧଉଳି ଏକ୍ସପ୍ରେସରେ କଦଳୀଗଛ, ଫୁଲହାର ଓ ବେଲୁନ ବାନ୍ଧି ଲୋକଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପୂର୍ବତନ ବିଧାୟକ ପଣ୍ଡା ନଡ଼ିଆ ଫଟାଇ ଫିତାକାଟି ଟ୍ରେନ୍ ରହଣିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣନାଥ ପଣ୍ଡା, ସାବିତ୍ରୀ ବାରିକ, ପ୍ରଶାନ୍ତ କୁମାର ପଣ୍ଡା, ମାୟାଧର ପାଣିଗ୍ରାହୀ, ରାଜେନ୍ଦ୍ର କୁମାର ମହାପାତ୍ର, ଅକ୍ଷୟ କୁମାର ବିଶ୍ୱାଳ, ନିର୍ମଳଚନ୍ଦ୍ର ପାଣିଗ୍ରାହୀ, ଶ୍ରୀନିବାସ ରାଓ, ପ୍ରସନ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବୁଧବାର ମାର୍କୋଣା ଷ୍ଟେଶନରେ ଧଉଳି ଏକ୍ସପ୍ରେସ ରହଣିକୁ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରୁଛନ୍ତି।

ଏହି ଅବସରରେ ସ୍ଥାନୀୟ ଜନସାଧାରଣ ଟ୍ରେନ ଯୋଗେ ବିଭିନ୍ନ ଅଞ୍ଚଳକୁ ଯାତ୍ରା କରିଥିଲେ। ଉଲ୍ଲେଖନୀୟ ଯେ, ମାର୍କୋଣା ରେଳ ଷ୍ଟେଶନ ଉପରେ ସିମୁଳିଆ ସମେତ ଖଇରା ଓ ବାସୁଦେବପୁର ଅଞ୍ଚଳର ଜନସାଧାରଣ ନିର୍ଭର କରିଥାନ୍ତି। ମାଲ ପରିବହନ ଦିଗରେ ଏହି ଷ୍ଟେଶନର ଗୁରୁତ୍ୱ ରହିଛି। ୨୦୧୪ରେ ଏଠାରେ ଧଉଳି ଏକ୍ସପ୍ରେସ ରହଣି ସମେତ ମହିଳା ବିଶ୍ରାମାଗାର, ପାଇଖାନା, ଡିଜିଟାଲ ବୋର୍ଡ, ଷ୍ଟେଶନର ସମ୍ପ୍ରସାରଣ, ଷ୍ଟାଣ୍ଡ ସୁବିଧା ଆଦି ୧୧ଦଫା ଦାବି କରାଯାଇଥିଲା। ରେଳ କର୍ତ୍ତୃପକ୍ଷ କେବଳ ରିଜର୍ଭେଶନ ବ୍ୟବସ୍ଥା କରି ଅନ୍ୟ ଦାବିକୁ ଅଣଦେଖା କରିଥିଲେ। ଏହାକୁ କେନ୍ଦ୍ରକରି ୨୦୧୬ରେ ମାର୍କୋଣା ରେଳ ଷ୍ଟେଶନରେ ୯ଘଣ୍ଟା ଆନ୍ଦୋଳନ କରାଯାଇ ରେଳ ଚଳାଚଳକୁ ଅକାମୀ କରି ଦିଆଯାଇଥିଲା।

## ଫଳକ ଭଙ୍ଗା ନେଇ ରାଜନୀତି ଜୋର

**ବାହାନଗା,୬।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଅଧୀନ ମହାରାଜପୁର ପଞ୍ଚାୟତର ରାମପୁର ଗ୍ରାମରେ ଫଳକ ଭଙ୍ଗାକୁ ନେଇ ଆରମ୍ଭ ହୋଇଛି ଜୋର ରାଜନୀତି। ଗ୍ରାମରେ ଦେଖାଦେଇଛି ଉତ୍ତେଜନା । ଏହି ଗ୍ରାମର ସାନଆହାର ଛକ ଠାରୁ ଜଣେ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା ଓ ପୋଲ ନିର୍ମାଣ ପାଇଁ ୪ଲକ୍ଷ ଟଙ୍କା ମଞ୍ଜୁର କରାଯାଇ କାମ କରାଯାଇଥିଲା। ରାସ୍ତା ନିର୍ମାଣ ପରେ ପଞ୍ଚାୟତର ସରପଞ୍ଚ ସୁହାସିନୀ ଲେଙ୍କା ତାହାକୁ ୮ମାସ ତଳେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରି ଉଦ୍‌ଘାଟନ କରିଥିଲେ। ଏହି ରାସ୍ତା ପରେ ସରପଞ୍ଚଙ୍କ ଦ୍ୱାରା ଗ୍ରାମର ଏକ ପାର୍କ ଓ ଆର୍ଦଶ ପୋଖରୀ କରାଯାଉଥିବାରୁ କେତେକ ବିରୋଧୀ ଲୋକ ଇର୍ଷାନ୍ୱିତ ହୋଇ ରାସ୍ତା କଡ଼ରେ ଥିବା ନାମଫଳକକୁ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଭାଙ୍ଗି ଦେଇଥିବା ଦେଖାଯାଇଛି।





ଦୁର୍ବୃତ୍ତଙ୍କ ଦ୍ୱାରା ଫଳକ ଭଙ୍ଗା ଯାଇଛି।

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଗ୍ରାମରେ ଏଭଳି ଫଳକ ଭଙ୍ଗାକୁ ନେଇ ରାଜନୀତି ଜୋର୍ ଧରିଛି। ଏହାକୁ ନେଇ ସରପଞ୍ଚ ସୁହାସିନୀ ଲେଙ୍କା କହନ୍ତି , ସେ ସରପଞ୍ଚ ହେବା ପରେ ପଞ୍ଚାୟତର ଉନ୍ନୟନ ମୂଳକ କାମ କରାଯାଉଛି। ଏହାକୁ ଦେଖି ବିରୋଧି ଓ ଅସାମାଜିକ ବ୍ୟକ୍ତିମାନେ ହିନ ଉଦ୍ଦେଶ୍ୟ ନେଇ ଫଳକକୁ ଭାଙ୍ଗିଛନ୍ତି।

## ୧୦ରେ ପୂର୍ବତନ ସୈନିକ ସଂଘର ବାର୍ଷିକ ସମ୍ମିଳନୀ

**ବାଲିଆପାଳ,୬।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ଭାରତୀୟ ପୂର୍ବତନ ସୈନିକ ସଙ୍ଗଠନର ବାର୍ଷିକ ସମ୍ମିଳନୀ ଆସନ୍ତା ୧୦ ତାରିଖରେ କଟୁଆପଡା କାଞ୍ଚନେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହେବ । ଏଥିରେ ସେବାନିବୃତ କର୍ଣ୍ଣଲ କ୍ଷେତ୍ରମୋହନ ପାତ୍ର, ବିଶିଷ୍ଟ କବି ଓ ଗ୍ରନ୍ଥକାର ପ୍ରଶାନ୍ତ ଦାସ,ରାଜ୍ୟ ସଙ୍ଗଠନର ସାଧାରଣ ସମ୍ପାଦକ ବିଦ୍ୟାଧର ନାୟକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେବେ । ସମ୍ମିଳନୀ ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ବେଳେ ସେନା ପରିବାରର ସମସ୍ତ ସଦସ୍ୟାସଦସ୍ୟ ଓ ଶୁଭେଚ୍ଛୁ ବନ୍ଧୁମାନେ ଯୋଗ ଦେବାକୁ ବାଲିଆପାଳ ଶାଖାର ସଭାପତି ଜୟରାମ ପାତ୍ର ଜଣାଇଛନ୍ତି ।

## 'ସମସ୍ତଙ୍କ ସହଯୋଗରେ ବିକାଶ ସମ୍ଭବ'

**ରୂପସା/ବସ୍ତା,୬।୩(ଡି.ଏନ.ଏ.)**

ପୁଣି ଥରେ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହେବା ନିଷ୍ପତ୍ତି ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ । ସୁଯୋଗ ପାଇଲେ, ବାଲେଶ୍ୱର ସଂସଦୀୟ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇ ବିକାଶ କାର୍ଯ୍ୟକୁ ଅଧିକ ଆଗେଇ ନେବେ ବୋଲି ଏଠାରେ ଆୟୋଜିତ ବନ୍ଧୁମିଳନ ତଥା ଧନ୍ୟବାଦ ପର୍ବ କାର୍ଯ୍ୟକ୍ରମରେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ସୂଚନା ଦେଇଛନ୍ତି।

୬୦ ନଂ. ଜାତୀୟ ରାଜପଥ ସନ୍ନିକଟ ବସ୍ତା ଥାନା କଟିପୋଲ ପ୍ରିନ୍ସ କଲ୍ୟାଣମଣ୍ଡପରେ ବୁଧବାର ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉତ୍ତର ଓଡ଼ିଶାର ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ଗଣମାଧ୍ୟମ ପ୍ରତିନିଧିଙ୍କୁ ଆମନ୍ତ୍ରିତ କରାଯାଇଥିଲା। ସମସ୍ତଙ୍କ ସହଯୋଗରେ ବାଲେଶ୍ୱର ଜିଲାକୁ ବିକାଶ ଧାରାରେ ସାମିଲ କରାଯାଇପାରି ଥିବାରୁ ଏମ୍‌ପି ଜେନା ସମସ୍ତଙ୍କୁ ଧନ୍ୟବାଦ ଜଣାଇ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ସେ ପୁଣି ପ୍ରାର୍ଥୀ ହେବେ କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ଜେନା କହିଥିଲେ, ଗତ ୨ବର୍ଷ ଧରି ଶ୍ରେଷ୍ଠ ଏମ୍‌ପି ଭାବେ ସେ ପରିଗଣିତ ହୋଇ ପାରିଛନ୍ତି। ପୁଣି ସୁଯୋଗ ପାଇଲେ ଜିଲାର ସର୍ବାଙ୍ଗୀନ ଉନ୍ନତି ଲାଗି କାର୍ଯ୍ୟଧାରା ଜାରି ରଖିବେ। ବାଲେଶ୍ୱରକୁ ବାଣିଜ୍ୟିକ ସହର ଯୋଜନାରେ ସାମିଲ କରାଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ, ଗମନାଗମନ ଆଦି କ୍ଷେତ୍ରରେ ହୋଇଥିବା ଅଗ୍ରଗତି, ସୁବର୍ଣ୍ଣରେଖା ବନ୍ଦର ଯୋଜନା, ବାଙ୍କତିରା ନଦୀବନ୍ଧ ଯୋଜନା, ଜଳେଶ୍ୱର ଓ ବାଲେଶ୍ୱରରେ ୪ଟି ରେଳ ଓଭରବ୍ରିଜ୍ ଏବଂ ବସ୍ତାରେ ପେଜଗଳା ପୋଲ ପ୍ରଭୃତି କାର୍ଯ୍ୟ ସମ୍ପର୍କରେ ସେ ସୂଚନା ଦେଇଥିଲେ। ବାଲିଆପାଳରେ ବନ୍ଦର କାର୍ଯ୍ୟ ଖୁବ୍ ଶୀଘ୍ର ସରିବ ଏବଂ ଏହା ଦ୍ୱାରା ଉତ୍ତର ବାଲେଶ୍ୱରର ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ବୋଲି ସେ କହିଥିଲେ।



ବୁଧବାର ଧନ୍ୟବାଦ ପର୍ବରେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଉଦ୍‌ବୋଧନ ଦେଉଛନ୍ତି।

# ପ୍ରତିଭା ସମ୍ମାନ ସମାରୋହ

## ଅତିରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି

**ଖଇରା, ୬।୩ (ଡି.ଏନ.ଏ.)**

ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତ ଶିରିପୁର ବାସିନ୍ଦପୁରଠାରେ ବାବା ତାରକେଶ୍ୱରଙ୍କ ପୀଠରେ ୧୯ତମ ଅତିରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ସହିତ ୮ମ ପ୍ରତିଭା ସମ୍ମାନ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ୧୬୮ ବ୍ରାହ୍ମଣଙ୍କୁ ନେଇ ଯଜ୍ଞର ପ୍ରଥମ ଦିବସରୁ ବାବା ତାରକେଶ୍ୱରଙ୍କ ନାମରେ ୧ ହଜାର ଆହୁତି ସାଙ୍ଗକୁ ୧୦୦୮ ବେଲପତ୍ର ଅର୍ପଣ କରାଯାଇଥିଲା। ୫୪କୁଣ୍ଡ ବିଶିଷ୍ଟ ଯଜ୍ଞ ମଣ୍ଡପରେ ୫୪ ବ୍ରାହ୍ମଣଙ୍କୁ ନେଇ ଯଜ୍ଞର ୫ମ ଦିବସରେ ପୂର୍ଣ୍ଣାହୁତି ଓ ଶିବାଭିଷେକ କାର୍ଯ୍ୟ ସମାପନ କରାଯାଇଥିଲା।

ଏହି ଅବସରରେ ୩ ଦିନ ଧରି ବାବା ତାରକେଶ୍ୱର ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଧାରାବାହିକ ଏବଂ ଚଳଚ୍ଚିତ୍ର ଜଗତର ଅଭିନେତା, ଅଭିନେତ୍ରୀ, ଚିତ୍ର ଉତ୍ତୋଳକ, ସମ୍ପାଦକ, ଲେଖକଙ୍କ କଣ୍ଠଶିଳ୍ପୀ, ପ୍ରଯୋଜକ, ନିର୍ଦ୍ଦେଶକ, ସମେତ ଯାତ୍ରା ଜଗତର ଅଭିନେତାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁରେନ୍ଦ୍ର ପ୍ରସାଦ ଦଳାଇ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ନାଲ୍‌କୋର ସର୍ବଭାରତୀୟ ସଭାପତି ପ୍ରଦୀପ କୁମାର ଦାସ, ଧାରାବାହିକ ନିର୍ଦ୍ଦେଶକ ମହେଶ ହାଜରୀ, ଅଜିତ ଦାସ, ଦାମୋଦର ଦାସମହାପାତ୍ର, ମାୟାଧର ଦାସ, ଅପର୍ଣ୍ଣା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଯଜ୍ଞ କମିଟି ସଭାପତି ଶଶିକାନ୍ତ ବେହେରା, ରତିକାନ୍ତ ବେହେରା, ଭଗବାନ ସାହୁ, ତୃପ୍ତିକାନ୍ତ ପାଢ଼ୀ, ମୁକ୍ତିକାନ୍ତ ପାଢ଼ୀ, ହରିଶ ବେହେରା, ମହେନ୍ଦ୍ର ବେହେରା, ଅକ୍ଷୟ ବେହେରା, କ୍ଷେତ୍ରବାସୀ ରାଉତ, ବାଘା ବଳ, ମୁନା ବେହେରା, ଅମୂଲ୍ୟ ଦାଶ, ବୈକୁଣ୍ଠ ସାହୁ, କଟିଆ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





ଅନ୍ତିମ ଦିବସ ସନ୍ଧ୍ୟାରେ ପ୍ରତିଭା ସମ୍ମାନ ସମାରୋହ।

## ଆଶା ଓ ଗାଁ କଲ୍ୟାଣ ସମିତି ମଧ୍ୟରେ ସମନ୍ୱୟ ଲୋଡ଼ା

**ଖଇରା,୬।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ୍ ପରିସରରେ ବୁଧବାର ଆଶା ଓ ଗାଁ କଲ୍ୟାଣି ସମିତିର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଫିସର ମୃତ୍ୟୁଞ୍ଜୟ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ବ୍ଲକ୍ ଅଧ୍ୟକ୍ଷା ଅଭିଳିପ୍ସା ସାହୁ, ବିଡିଓ ମହେଶ୍ ଚୌଧୁରୀ, ଜାତୀୟ ସ୍ୱାସ୍ଥ୍ୟ ମୀଶନ ଜଲା ପରିଚାଳକ(ଡିପିଏମ) ପ୍ରଭୁ ପ୍ରଦ୍ୟୁମ୍ନ ପତି ଓ ଜିଲା ଆଶା ସଂଯୋଜକ ସୁରଜିତ ରାୟ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ପଣ୍ଡା ଯୋଗଦେଇଥିଲେ। ଆଶାକର୍ମୀଙ୍କ ନିୟୋଜନ ପରେ ମାତୃଶିଶୁ ମୃତ୍ୟୁହାର କମିଛି ବୋଲି ବକ୍ତାମାନେ କହିଥଲେ। ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, କଳ୍ପନା ନାଇକ, ସିଡିପିଓ ନର୍ମଦା ଦେଓ, ଡାକ୍ତର ଦୁର୍ଗାମାଧବ ଓଝା, ସୁପରଭାଇଜର ଡମ୍ବରୁଧର ପଣ୍ଡା, ମୁକ୍ତିକାନ୍ତ ପଣ୍ଡା, ବିପିଏମ ରାୟଶେଖର ଘୋଷ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ କହିଥିଲେ, ଶିଶୁର ଗର୍ଭାବସ୍ଥା ଠାରୁ ପରବର୍ତ୍ତୀ ସମୟରେ କିଭଳି ଯତ୍ନ ନିଆଯିବ , ସେ ବିଷୟରେ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କଲେ ଶିଶୁର ମସ୍ତିଷ୍କ ବିକାଶ ହୋଇ ପାରିବ। ଆଶା ଓ ଗାଁ କଲ୍ୟାଣ ସମିତି ମଧ୍ୟରେ ସମ୍ନନ୍ୱୟ ରହିବା ଦରକାର ବୋଲି ସେମାନେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଖଇରା ମଣ୍ଡଳରୁ ଆଶା କର୍ମୀ ଜୟନ୍ତୀ ପ୍ରଧାନ, ଗଣ୍ଡିବେଡ ସସ୍ମିତା ସେଠୀ, ଡୁଡିଗଡିଆ ରମାମଣି ନାୟକ, କୁପାରୀ ସୁକାନ୍ତି ପରିଡା, ଡୁଙ୍ଗୁରା ନିରୁପମା ଘଡେଇଙ୍କୁ ମାନପତ୍ର ଓ ଟ୍ରଫିଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଗାଁ କଲ୍ୟାଣ ସମିତିର ସଭାପତି ଭାବେ ଦାୟିତ୍ୱରେ ରହୁଥିବା ୱାର୍ଡ ସଭ୍ୟମାନଙ୍କୁ ଡକାଯାଇ ନ ଥିବାରୁ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ହିସାବରକ୍ଷକ ଅନିରୁଦ୍ଧ ପଣ୍ଡା ପରିଚାଳନା କରିଥିଲେ।

# ସମସ୍ତ ବୁଥ୍‌ରେ ହେବ ମକ୍ ପୋଲିଂ

**ବାଲେଶ୍ୱର ଅଫିସ,୬।୩**

- ଇଭିଏମ ଓ ଭିଭିପାଟ୍ : ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ
- ଭୋଟର ସଚେତନତା ପାଇଁ ଘୂରିଲା ରଥ
- ୧୦ରେ ସ୍ୱତନ୍ତ୍ର ପ୍ରଚାର ଅଭିଯାନ ଦିବସ
- ସବୁଠି ଆଗୁଆ ନିର୍ବାଚନୀ ଉଷ୍ମତା

ଭୋଟରଙ୍କୁ ସଚେତନ କରାଇବା ଲକ୍ଷ୍ୟ ନେଇ ବାଲେଶ୍ୱରରେ ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ ଓ ଭିଭିପାଟ୍ ସଚେତନତା ରଥ ଘୂରିବା ଆରମ୍ଭ କରିଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ରାଉତ ପତାକା ଦେଖାଇ ବୁଧବାର ପୂର୍ବାହ୍ନ ୮ଟା ସମୟରେ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲାର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀର ୧୮୮୭ଟି ବୁଥ୍‌କୁ ଗସ୍ତ କରିବ। ଏଥିସହ ସମସ୍ତ ରାଜସ୍ୱ ଗ୍ରାମକୁ ଯାଇ ଭୋଟରଙ୍କୁ ସଚେତନ କରାଇବ। ପ୍ରତି ନିର୍ବାଚନମଣ୍ଡଳୀକୁ ୭ଟି ଲେଖାଏଁ ଟିମ୍ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏଥିରେ ଥିବା ତାଲିମପ୍ରାପ୍ତ କର୍ମଚାରୀମାନେ ମକ୍ ପୋଲିଂ କରି ଭୋଟରଙ୍କ ମନରୁ ସଂଶୟ ଦୂର କରିବେ । ମତଦାନର ସତ୍ୟତା ପରଖିବା ପାଇଁ ଜିଲାରେ ପ୍ରଥମଥର ଲାଗି ଆସନ୍ତା ସାଧାରଣ ନିର୍ବାଚନରେ ଭିଭିପାଟ୍ ମେଶିନ୍‌ର ଉପଯୋଗ କରାଯାଉଛି । ଏହି ମେଶିନ୍‌ରେ ଭୋଟର ମତଦାନ କରିବା ସମୟରେ ଏକ କାଗଜ ଚିରିକୁଟି ବାହାରିବ ଯେଉଁଥିରେ ଭୋଟ୍ ଦେଇଥିବା ପ୍ରାର୍ଥୀଙ୍କ କ୍ରମିକ ନମ୍ବର, ନାମ ଏବଂ ନିର୍ବାଚନୀ ସଙ୍କେତ ୭ ସେକେଣ୍ଡ ପାଇଁ ଦେଖାଯିବ । ତା' ପରେ ସେହି କାଗଜ ଚିରିକୁଟି ସିଲ୍ ହୋଇଥିବା ବାକ୍ସରେ ପଡ଼ିବ ଯାହାକୁ ଭୋଟର ଦେଖିପାରିବେ। ଭୋଟ୍‌କୁ ନେଇ ମାଲି ମକଦ୍ଦମା ହେଲେ ଏହି ଚିରିକୁଟିକୁ ବାକସରୁ କଢ଼ା ହୋଇ ଗଣନା କରାଯିବା ବ୍ୟବସ୍ଥା ରହିଛି । ଏହା ଦ୍ୱାରା ଭୋଟ୍‌ଦାନ ପ୍ରକ୍ରିୟାର ବିଶ୍ୱସନୀୟତା ବୃଦ୍ଧି ପାଇବ ବୋଲି ଜିଲାପାଳ ରାଉତ କହିଛନ୍ତି ।

ସବୁଠି ଆଗୁଆ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇଥିବାବେଳେ ପ୍ରଶାସନ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଛି। ଏହି ସଚେତନତା ରଥ ପ୍ରତିଦିନ ପୂର୍ବାହ୍ନ ୮ ରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ୩ ରୁ ୪ଟି ରାଜସ୍ୱ ଗ୍ରାମ ପରିଭ୍ରମଣ କରିବା ଯୋଜନା ହୋଇଛି । ଏହି ପ୍ରକ୍ରିୟା ପ୍ରାୟ ୨୦ରୁ ୨୫ ଦିନ ଯାଏଁ ଚାଲିବ। ଅଭିଯାନର ଅସଲ ଉଦ୍ଦେଶ୍ୟ ଯେପରି ସଫଳ ହେବ, ସେଥିପ୍ରତି ନଜର ରଖିବାକୁ ଜିଲାପାଳ ରାଉତ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟ ସଚେତନତା ରଥ ଗତ ଜାନୁୟାରୀ ୭ତାରିଖରୁ ୧ମାସରୁ ଉର୍ଦ୍ଧ୍ୱସମୟ ଧରି ଜିଲାର ବିଭିନ୍ନ ଗ୍ରାମ ଏବଂ ବୁଥ୍‌ଗୁଡ଼ିକୁ ଯାଇ ଇଭିଏମ ଓ ଭିଭିପାଟ୍ ମେଶିନ୍‌ର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରିଥିଲା। ଭୋଟରମାନଙ୍କ ନିକଟରେ ଯେପରି ଏ ସମ୍ପର୍କିତ ସମସ୍ତ ସୂଚନା ଏବଂ ତଥ୍ୟ ପହଞ୍ଚି ପାରିବ ସେଥିପାଇଁ ଜିଲାପାଳ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଜିଲାପାଳଙ୍କ ଅଫିସ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ନିଲୁ ମହାପାତ୍ର, ସହକାରୀ ଜିଲାପାଳ(ନିର୍ବାଚନ) ମନୋଜ ସେନାପତି ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଇଭିଏମ-ଭିଭିପାଟ୍ ସଚେତନତା ଲାଗି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆସନ୍ତା ୧୦ ତାରିଖକୁ ସ୍ୱତନ୍ତ୍ର ପ୍ରଚାର ଅଭିଯାନ ଦିବସ ଭାବେ ପାଳନ କରାଯିବ ବୋଲି ଜଣାପଡ଼ିଛି।



ବୁଧବାର ଇଭିଏମ ଓ ଭିଭିପାଟ୍ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

राष्ट्रीय विज्ञान शिक्षा एवं अनुसंधान संस्थान, भुवनेश्वर
(परमाणु ऊर्जा विभाग, भारत सरकार का एक स्वयं शासित संस्थान)
NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR
(AN AUTONOMOUS INSTITUTE UNDER DEPT. OF ATOMIC ENERGY, GOVT. OF INDIA)
Po-Bhimpur-Padanpur, Via-Jatni, Dist-Khurda-752050
Phone- 0674-2494013, Fax-0674-2494004, web:- http://www.niser.ac.in

पीएचडी कार्यक्रम–2019 (ग्रीष्मकालीन सत्र) में प्रवेश हेतु सूचना/
Notice for Admission to Ph.D. Programme – 2019 (Summer Session)

विज्ञापन सं./Advt. No: NISER/ACAD/Ph.D/2019-20(1)

एनआईएसईआर भुवनेश्वर में निम्नलिखित स्कूलों में **26 जुलाई, 2019 (शुक्रवार)** से शुरू होने वाले पीएचडी कार्यक्रम में प्रवेश के लिए भारतीय नागरिकों से आवेदन आमंत्रित किये जाते हैं।

Applications are invited from Indian citizens for admission to Ph.D Program scheduled to commence from **26th July, 2019 (Friday)** in the following schools at NISER Bhubaneswar:

1. जैविक विज्ञान/School of Biological Sciences
2. रसायन विज्ञान/School of Chemical Sciences
3. कम्प्यूटर विज्ञान/School of Computer Sciences
4. मानविकी एवं सामाजिक विज्ञान/School of Humanities & Social Sciences
5. गणितीय विज्ञान/School of Mathematical Sciences
6. भौतिक विज्ञान/School of Physical Sciences

छात्रों से कोई आवेदन/प्रवेश शुल्क नहीं लिया जाएगा। परीक्षा/साक्षात्कार के लिए बुलाये गये उम्मीदवारों को दूसरी स्लीपर कक्षा में आने–जाने का रेलवे किराया प्रदान किया जाएगा।

No application/entrance fee is charged to the student. To and Fro single 2nd sleeper class railway fare will be provided to candidates called for the test/interview.

महत्वपूर्ण तिथियाँ/Important dates:
ऑनलाईन आवेदन सक्रिय होने की तिथि/
Online application will be activated on : 02/03/2019
ऑनलाईन आवेदन भरने की अंतिम तिथि/
Last date for filling up online application : 04/04/2019

योग्यता मानदंड, आवेदन प्रक्रिया एवं चयन प्रक्रिया के बारे में विस्तृत जानकारी हेतु कृप्या हमारे वेबसाईट **http://www.niser.ac.in** देखें।

Kindly refer to our website **http://www.niser.ac.in** for details regarding eligibility criteria, application procedure and selection procedure.

ह०/– संकाय प्रभारी (शैक्षणिक कार्य)
Sd/- Faculty-In-Charge (Academic Affairs)

ଧରିତ୍ରୀ DHARITRI
ବାଲେଶ୍ୱର, ଗୁରୁବାର, ୭ ମାର୍ଚ୍ଚ, ୨୦୧୯



## ସଂକ୍ଷେପରେ

### ୪୮୦ ଗାଁ ପାଇଁ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଯୋଜନା



**ଭଦ୍ରକ ଅଫିସ, ୬।୩:** ଭଦ୍ରକ ଜିଲା ସଦ୍‌ଭାବନା ଗୃହରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ସଭାପତିତ୍ୱରେ ଜିଲାର ଗ୍ରାମସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଯୋଜନା ସମ୍ପର୍କିତ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୮ ନୋଡାଲ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଗ୍ରାମ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଯୋଜନା କାର୍ଯ୍ୟ କରିବ। ପୂର୍ବରୁ ଚିହ୍ନଟ ଜିଲାର ୧୩୭ ପଞ୍ଚାୟତର ୪୮୦ ଗ୍ରାମ ପାଇଁ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଯୋଜନା ପ୍ରସ୍ତୁତ କରାଯିବାକୁ ସ୍ଥିର ହୋଇଛି। ବିପର୍ଯ୍ୟୟ ସମୟରେ କିଭଳି ଉକ୍ତ ଗାଁଗୁଡ଼ିକରୁ ଲୋକଙ୍କୁ ସୁରକ୍ଷିତ ରଖାଯାଇପାରିବ ସେହି ଯୋଜନାଗୁଡ଼ିକ ପ୍ରସ୍ତୁତ କରାଯିବ। ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ କୁମାର ପଣ୍ଡିତ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମହମ୍ମଦ ଅବଦୁଲ ରଶିଦ, ଜିଲା ଜରୁରିକାଳୀନ ଅଧିକାରୀ ଜୟଶ୍ରୀ ସେନାପତି, ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କ ସହ ୭ଟି ବ୍ଲକର ବିଡିଓ ଓ ତହସିଲଦାର କର୍ମଶାଳାରେ ଉପସ୍ଥିତ ଥିଲେ।

# ଜବରଦଖଲକାରୀଙ୍କ ରାଜ୍

■ପୌରପାଳିକା ନୀରବଦ୍ରଷ୍ଟା
■ନୋଟିସ ଜାରିରେ ସୀମିତ କାର୍ଯ୍ୟାନୁଷ୍ଠାନ
■ଉନ୍ନୟନ କାର୍ଯ୍ୟ ପାଇଁ ମିଳୁନି ଜାଗା

ଭଦ୍ରକ ଅଫିସ, ୬।୩

ଭଦ୍ରକ ପୌରପାଳିକା ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। କେଉଁଠି ନୟନଯୋରିରେ ୨ ମହଲା କୋଠାଘର ତିଆରି ସରିଛି ତ ଆଉ କେଉଁଠି ଡ୍ରେନ ଉପରେ ଶପିଂ ମଲ୍ ନିର୍ମାଣ ସରିଛି। ପୌରପାଳିକା ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି। ଭଦ୍ରକ ସହରର ପ୍ରବେଶ ପଥ ନେହେରୁ ଷ୍ଟାଡିୟମଠାରୁ ପ୍ରସ୍ଥାନ ପଥ ମହତାବ ଛକ ଯାଏ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ସହରରୁ ବର୍ଷାଜଳ ନିଷ୍କାସନ ଲକ୍ଷ୍ୟରେ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ରାସ୍ତାର ଉଭୟପାର୍ଶ୍ୱରେ ଯେଉଁ ନୟନଯୋରି ଓ ସ୍ୱେରେଜ ବ୍ୟବସ୍ଥା ପ୍ରଚଳନ କରିଥିଲେ, ତାହା ଏବେ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାଲିକାନାକୁ ଚାଲିଯାଇଥିବା ଜଣାପଡ଼ିଛି। ଯେଉଁଥିପାଇଁ ସାମାନ୍ୟ ବର୍ଷାରେ କୃତ୍ରିମ ବନ୍ୟା ଯୋଗୁ ଭଦ୍ରକ ସହରବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଭଦ୍ରକ ସହରର ୪୦ ପ୍ରତିଶତ ସରକାରୀ ଜମି, ନଦୀ, ନାଳ, ଗୋଚର ଜମି ଅସାଧୁ ଲୋକଙ୍କ କବ୍‌ଜାକୁ ଚାଲିଯାଇଛି। ଯାହାର ନଜିର ଦେଖିବାକୁ ମିଳିଛି ଭଦ୍ରକ ପୌରାଞ୍ଚଳରେ।

ଭଦ୍ରକ-ଚାନ୍ଦବାଲି ବାଇପାସ୍ ରାସ୍ତାର ଉଭୟପାର୍ଶ୍ୱ ନୟନଯୋରି ଏବେ ଲୋକଙ୍କ ଜବରଦଖଲକୁ ଚାଲିଯାଉଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ରହିଛି। ଭଦ୍ରକ ଆର୍‌ଏମ୍‌ସି ପାଚେରି ସଂଲଗ୍ନ, ଜିଲା କୃଷି କାର୍ଯ୍ୟାଳୟ ସମ୍ମୁଖ ଭାଗ, ୟୁନାନୀ ସମ୍ମୁଖ ରାସ୍ତାପାର୍ଶ୍ୱ ବହୁ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଗ୍ରାମାଞ୍ଚଳ ଥାନା ସମ୍ମୁଖ ରାସ୍ତା ଅପରପାର୍ଶ୍ୱରେ ଥିବା ୟୁନାନୀ ସମ୍ମୁଖ ନୟନଯୋରିରେ କେତେକ ବ୍ୟକ୍ତି ଏବେ ଗୃହ ନିର୍ମାଣ କରି ଚାଲିଛନ୍ତି। ଏପରିକି କୋଠାଘର ମଧ୍ୟ ତିଆରି ଚାଲିଛି। ଏହି ରାସ୍ତାରେ ଦୈନିକ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ପୌରପାଳିକା କର୍ମଚାରୀ ଯାତାୟାତ କରୁଥିଲେ ମଧ୍ୟ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ବିଜେଡି କାର୍ଯ୍ୟାଳୟ ପାର୍ଶ୍ୱରେ ନୟନଯୋରିରେ ୨ ମହଲା କୋଠା ତିଆରି ସରିଛି। ବାଇପାସ୍ ନିକଟରେ ୩ ମହଲା କୋଠା ତଳେ ସହରର ପ୍ରମୁଖ ଡ୍ରେନ୍‌ର ମୋଡ଼ ବଦଳାଇ ଦିଆଗଲା। ପୂର୍ତ୍ତ ବିଭାଗ ସମ୍ମୁଖରେ ମୁଖ୍ୟରାସ୍ତା ଉପରେ ଉଠା ଦୋକାନୀ ବସୁଥିବା ବେଳେ କଚେରି ବଜାର ପରିବା ମାର୍କେଟ ରାସ୍ତାରେ ରହିଛି। ପୌରପାଳିକା କାର୍ଯ୍ୟାଳୟକୁ ଥିବା ରାସ୍ତାର ଉଭୟପାର୍ଶ୍ୱ ସଂକୀର୍ଣ୍ଣ ହେବାରେ ଲାଗିଛି। ପୌରପାଳିକା ଅଫିସ ଓ କୋର୍ଟ ଛକଠାରୁ ମାତ୍ର ୩ ଶହ ମିଟର ହୋଇଥିବା ବେଳେ ଯିବାକୁ ୩୦ ମିନିଟ୍ ଲାଗୁଛି। ଭୋଟ ବ୍ୟାଙ୍କ ପ୍ରଭାବିତ ହେବା ଭୟରେ ଏ ନେଇ ପୌରପାଳିକା ପକ୍ଷରୁ ମୁହଁ ଖୋଲାଯାଉ ନାହିଁ ବୋଲି ଚର୍ଚ୍ଚା ହେଉଛି। କେବଳ ନୋଟିସ ଜାରିରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ବିଭିନ୍ନ ଯୋଜନାରେ ଉନ୍ନୟନ କାର୍ଯ୍ୟ ପାଇଁ ସରକାରୀ ଜାଗା ମିଳୁ ନ ଥିବା ଦର୍ଶାଇ ଟଙ୍କା ଫେରିଯାଉଛି। ହେଲେ କେତେକ କ୍ଷମତା ସମ୍ପନ୍ନ ବ୍ୟକ୍ତିଙ୍କ କବ୍‌ଜାରେ ସରକାରୀ ଜମି ଦଖଲରେ ରହିଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସହରର ସଚେତନ ନାଗରିକ ଦାବି କରିଛନ୍ତି।

ପୌରପାଳିକା ତରଫରୁ ସାମୂହିକ ବ୍ୟବହାର ପାଇଁ ପାଇଖାନା ନିର୍ମାଣ ଲାଗି ଜାଗା ମିଳୁ ନ ଥିବା ଦର୍ଶାଯାଉଥିବା ବେଳେ ଜବରଦଖଲକାରୀଙ୍କ ଅକ୍ତିଆରରେ ଏକର ଏକର ଜମି ରହିଛି। ଏ ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରୁ ଖିଲାପିଙ୍କ ବିରୋଧରେ ନୋଟିସ ଜାରି କରାଯାଇଛି ବୋଲି କହିଛନ୍ତି।



ଗ୍ରାମାଞ୍ଚଳ ଥାନା ସମ୍ମୁଖରେ ଜବରଦଖଲକାରୀଙ୍କ ନିର୍ମିତ ଘର।

## ସେଲ୍‌ଫି କର୍ଣ୍ଣର



@ ରଶ୍ମି



@ ବାବୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଭଣ୍ଡାରିପୋଖରୀରେ ନୂତନ ତହସିଲଦାର

**ଭଣ୍ଡାରିପୋଖରୀ, ୬।୩ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ତହସିଲରେ ନୂତନ ତହସିଲଦାର ଭାବେ ମୃତ୍ୟୁଞ୍ଜୟ ଭୂୟାଁ ବୁଧବାର ଦାୟିତ୍ୱଗ୍ରହଣ କରିଛନ୍ତି। ପୂର୍ବରୁ ସେ ବ୍ରହ୍ମଗିରି ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଭଣ୍ଡାରିପୋଖରୀରେ ଥିବା ତହସିଲଦାର ପ୍ରଣୟ କୁମାର ଜେନାଙ୍କର ଗତ ଫେବୃୟାରୀ ୧୮ ତାରିଖରେ କେନ୍ଦ୍ରାପଡ଼ା ଜିଲାକୁ ଅତିରିକ୍ତ ଉପଜିଲାପାଳ ଭାବେ ବଦଳି ହୋଇଥିଲା। ସ୍ଥାନୀୟ ବିଡିଓ ବନମାଳୀ ତରାଇ ଭାରପ୍ରାପ୍ତ ତହସିଲଦାର କାର୍ଯ୍ୟଭାର ନେଇଥିଲେ। ବୁଧବାର ନୂତନ ତହସିଲଦାର ଭୂୟାଁ ବିଡିଓ ତରାଇଙ୍କଠାରୁ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଅତିରିକ୍ତ ତହସିଲଦାର ଶରତ କୁମାର ସ୍ୱାଇଁ ଓ ତହସିଲ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ।

### ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ଭଦ୍ରକ ଅଫିସ, ୬।୩:** ଭଦ୍ରକ ଅର୍ଣ୍ଣପାଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପଞ୍ଚଦଶ ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁରେନ୍ଦ୍ର କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ପଣ୍ଡିତ ସଂଗ୍ରାମ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସେବାନିବୃତ୍ତ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦୀପ ଜେନା, ଓଷ୍ଟାର ଭଦ୍ରକ ବ୍ଲକ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ, କରୁଣାକର ବାରିକ, କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଆନନ୍ଦ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ଶୁଭସ୍ମିତା ଗୁପ୍ତା ଅତିଥି ପରିଚୟ ପ୍ରଦାନ ଓ ପୁଷ୍ପଲତା ଦାସ ବିବରଣୀ ଉପସ୍ଥାପନ କରିଥିଲେ। ପାର୍ବତୀ ଜେନା ଧନ୍ୟବାଦ ଦେଇଥିଲେ।

### 'ଏକଲା ମଣିଷର ଇସ୍ତାହାର' ଉନ୍ମୋଚିତ



**ଚାନ୍ଦବାଲି, ୬।୩ (ଡି.ଏନ.ଏ.):** କବି, ଗାଳ୍ପିକ ବୈକୁଣ୍ଠନାଥ ଓଝାଙ୍କ ୧୧ଟି ଗଳ୍ପକୁ ନେଇ ସଂକଳନ 'ଏକଲା ମଣିଷର ଇସ୍ତାହାର' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଜଳେଶ୍ୱରପୁର ବାବା ଜଳେଶ୍ୱର ନବରାତ୍ର ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଚନ୍ଦକା ବନ୍ୟପ୍ରାଣୀ ଡିଭିଜନର ଅଫିସର ଅଶୋକ ବିଶ୍ୱାଳ ଏହାକୁ ଉନ୍ମୋଚନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଭୟ ସୂତାର ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ଶୀତଳ କୁମାର ବେହେରା, ଜିଲା ପ୍ରଗତିଶୀଳ ଲେଖକ ପରିଷଦ ସଭାପତି ଗିରିଧାରୀ ନାଥ, ବିଜ୍ଞାନ ଲେଖକ ଅରୁଣ କୁମାର ପଣ୍ଡା, କବି ମନୋଜ ଭଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ପଞ୍ଚାନନ ପଲାଇଙ୍କ ଅଧକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ସଂଯୁକ୍ତା ଭାରତୀ, କବି ସୁରୁଚିପ୍ରଭା ଦାଶ, ବ୍ୟଙ୍ଗକବି ବିଜୟ ଗୋକୁଳାନନ୍ଦ ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କଳାକାର ଖଗେଶ୍ୱର ସାହୁ, ଲକ୍ଷ୍ମୀଧର ସ୍ୱାଇଁ, ଦାଶରଥି ନାୟକଙ୍କୁ ନବରାତ୍ର ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଯୁକ୍ତା ସୂତାର, ଭାଗବତ ଓଝା, ଭରତ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ଭଳ, ଅଶୋକ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଶାକୁ ନା, ସ୍ୱଚ୍ଛତା ବାର୍ତ୍ତା ପ୍ରଚାର

ଧାମନଗର, ୬।୩ (ଡି.ଏନ.ଏ.)

ଧାମନଗର ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ଶତାଧିକ ସଦସ୍ୟ ଦ୍ୱାରା ବିଶାଳ ବାଇକ୍ ରାଲି ମାଧ୍ୟମରେ ନିଶାକୁ ନା ଏବଂ ସ୍ୱଚ୍ଛତା ବାର୍ତ୍ତା ଦିଆଯାଇଛି। ଧୁଷୁରୀଠାରୁ ଧାମନଗର ଷ୍ଟାଡିୟମ ପର୍ଯ୍ୟନ୍ତ ଏହି ରାଲି କରାଯାଇଥିଲା। ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟରେ ସ୍ୱଚ୍ଛତା ପାଇଁ ଯୁବବାହିନୀକୁ ଦିଆଯାଇଥିବା ଦାୟିତ୍ୱ ସମ୍ପାଦନ କରିବା ଏବଂ ନିଶାମୁକ୍ତ ସମାଜ ନେଇ ପ୍ରଚାର କରାଯାଇଥିଲା। ଧୁଷୁରୀ ବାସନ୍ତୀପଡ଼ିଆରୁ ଧାମନଗର ଅଭିମୁଖେ ରାଲି ବାହାରିଥିଲା। ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ରାଲି ପହଞ୍ଚିବା ପରେ ଯୁବବାହିନୀ ନିର୍ବାଚନ ମଣ୍ଡଳୀ ସଭାପତି ଭାନୁପ୍ରକାଶ ପଲାଇଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ଯୁବବାହିନୀଙ୍କୁ ନିଜ ନୀତିରେ ସ୍ୱଚ୍ଛତା ଏବଂ ନିଶାଠାରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କା, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ବିନୋଦ ନାୟକ, ବ୍ଲକ ବିଜୁ ଯୁବବାହିନୀ ସଭାପତି ସୁଶାନ୍ତ ନାୟକ, ବିଜେଡି ସମ୍ପାଦକ ସେକ୍ ଜାଫର ଅଲ୍ଲୀ, ଏମ୍.ଡି ଫକିରୁଦ୍ଦିନ, ସ୍ୱଚ୍ଛତା ବାର୍ତ୍ତାରେ ଜିଲା ପୁରସ୍କାରପ୍ରାପ୍ତ ସଞ୍ଜିତ ଜେନା ଓ ଜ୍ୟୋତିରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଯୁବବାହିନୀ ସଦସ୍ୟଙ୍କୁ ମୋବାଇଲ ବଣ୍ଟନ କାର୍ଯ୍ୟକ୍ରମକୁ ବିଧାୟକ ଶୁଭାରମ୍ଭ କରିଥିଲେ। ବ୍ଲକରେ ମୋଟ ୨୮ଶହ ମୋବାଇଲ ବଣ୍ଟାଯିବାକୁ ଥିବାବେଳେ ୨୪ ଶହ ସଦସ୍ୟଙ୍କୁ ମୋବାଇଲ ପ୍ରଦାନ କରାଯାଇଥିଲା।



ବିଜୁ ଯୁବବାହିନୀ ପକ୍ଷରୁ ସାଧାରଣ ସଭା।

# 'ସଶକ୍ତ ରାଷ୍ଟ୍ର ଗଠନରେ ୧୦୦% ମତଦାନ ଆବଶ୍ୟକ'

ଭଦ୍ରକ ଅଫିସ, ୬।୩

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଭଦ୍ରକ ଜିଲା ଶାଖା ପକ୍ଷରୁ ବୁଧବାର ଭାରତ ଗୌରବ ନାମରେ ଏକ ଜିଲା ସମ୍ମିଳନୀ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ପ୍ରତ୍ୟେକ ବ୍ଲକରୁ ବହୁସଂଖ୍ୟାରେ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ପରିଷଦର ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର ଯୋଗଦେଇ ଏକ ସଶକ୍ତ ରାଷ୍ଟ୍ର ଗଠନରେ ଶତପ୍ରତିଶତ ମତଦାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ମତଦାନରେ ନୋଟାର ବ୍ୟବହାରକୁ ସେ ନିନ୍ଦା କରିଥିଲେ। ବିଗତ ଦିନରେ ଘଟିଥିବା ଭାରତର ଗୌରବମୟ କାର୍ଯ୍ୟ ଉପରେ ସେ ବକ୍ତବ୍ୟ ରଖିଥିଲେ। ଜିଲା ପ୍ରମୁଖ ବିକ୍ରମ କୁମାର ସାହୁ ସଭାପତିତ୍ୱ କରିଥିଲେ। ନଗର ଛାତ୍ରୀ ପ୍ରମୁଖ ପୁଷ୍ପାଞ୍ଜଳି ସାହୁ ଶତପ୍ରତିଶତ ମତଦାନ କରି ସଶକ୍ତ ରାଷ୍ଟ୍ର ଗଠନ ପାଇଁ ଶପଥପାଠ କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରଦୀପ ମାହାନ୍ତ ଯୋଗଦେଇ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସଂଯୋଜକ ସୌରଭ ପତି ଯୋଗ ଦେଇଥିଲେ। ଶେଷରେ ଏବିଭିପିର ଭଦ୍ରକ ନଗର ସମ୍ପାଦକ ସତ୍ୟବ୍ରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ନିର୍ବାଚନରେ ଏକ ରାଷ୍ଟ୍ରବାଦୀ ସରକାର ବାଛିବାକୁ ମତ ପୋଷଣ କରିଥିଲେ। ଭଦ୍ରକ ବ୍ଲକ ସଂଯୋଜକ ଚନ୍ଦନ ମହାପାତ୍ର, ଜିଲା ସହସଂଯୋଜକ ସମୀର ସ୍ୱାଇଁ, ଅନୀଲ ଆରଣ, ଯୁଧିଷ୍ଠିର ବେହେରା, ଜଗବନ୍ଧୁ ସାହୁ, ପ୍ରିୟଙ୍କା ଦାସ, ସୁନିତା ମିର୍ଦ୍ଧା, ଅଚ୍ୟୁତ ଆରଣ, ବିକାଶ ମଲିକ, ସୁଶାନ୍ତ ସାହୁ, ରଜତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟରଙ୍କୁ ଗ୍ୟାରେଣ୍ଟି କାର୍ଡ

ଭଣ୍ଡାରିପୋଖରୀ, ୬।୩ (ଡି.ଏନ.ଏ.)

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନେତାମାନେ ମତଦାତାଙ୍କୁ ହାତେଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଛନ୍ତି। ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ୧୬ ନମ୍ବର ଜାତୀୟ ରାଜପଥପାର୍ଶ୍ୱ ହନୁମାନ ମନ୍ଦିରଠାରେ ପୂଜାର୍ଚ୍ଚନା କରାଯାଇ ଭୋଟରଙ୍କୁ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରାଯାଇଛି। କଂଗ୍ରେସର ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ସୁବ୍ରତ ଦାସଙ୍କ ତତ୍ତ୍ୱାବଧାନରେ ଯୁବକ, କୃଷକ, ମହିଳାଙ୍କୁ ଏହି କାର୍ଡ ବଣ୍ଟନର ଶୁଭାରମ୍ଭ କରାଯାଇଥିଲା। ଆଗାମୀ ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ କୃଷକମାନଙ୍କୁ ପ୍ରଥମେ କୃଷିଋଣ ଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬୦୦, ଡାଲିଜାତୀୟ ଶସ୍ୟର ସହାୟକ ମୂଲ୍ୟ ନିର୍ଦ୍ଧାରଣ, କୃଷକଙ୍କୁ ସୌରଚାଳିତ ପମ୍ପସେଟ ଓ ୫ ବର୍ଷ ନିରନ୍ତର ଆର୍ଥିକ ସହାୟତା ପ୍ରଦାନ, ଦରିଦ୍ର ପରିବାରକୁ ସର୍ବନିମ୍ନ ଆୟ, ଓ ବେକାର ଯୁବକଙ୍କୁ ସରକାରୀ ହେଉ ବା ବେସରକାରୀ ଚାକିରି ଆଦି ପ୍ରତିଶ୍ରୁତି ଥାଇ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ, କଂଗ୍ରେସ ବ୍ଲକ ସଭାପତି ରଜନୀକାନ୍ତ ଚନ୍ଦ, ବରିଷ୍ଠ ନେତା ପୀତାମ୍ବର ନାୟକ, ନାରାୟଣ ଚନ୍ଦ୍ର ବେହେରା, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଦାସ, ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ବିଜୟ ଶଙ୍କର ମହାନ୍ତି, ଲଳିତ ବେଉରିଆ, ଯଦୁନାଥ ନାୟକ, ବିନୋଦ ମହାକୁଡ, ଅଭିମନ୍ୟୁ ବେହେରା, ମାଧବ ପାଲ ପ୍ରମୁଖ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।




କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରାଯାଉଛି।

# ନଡ଼ିଆକତା ଶିଳ୍ପ ନେଇ ତାଲିମ



ତାଲିମ ଶିବିରରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ, ୬।୩ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ପଞ୍ଚାୟତ ସ୍ୱେଚ୍ଛାସେବୀ ସଂଗଠନ ମୀନା କାର୍ଯ୍ୟାଳୟଠାରେ ବୁଧବାର ନଡ଼ିଆ କତା ଶିଳ୍ପ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ପୀତାମ୍ବର ପରିଡ଼ା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦୁର୍ଯ୍ୟୋଧନ ଲେଙ୍କା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅଲିଭା ନାୟକ, ଭୁବନେଶ୍ୱର କେନ୍ଦ୍ରର କାର୍ଯ୍ୟାଳୟ କନିଷ୍ଠ ନିରୀକ୍ଷକ ଦେଶବନ୍ଧୁ ଦାସ, ପ୍ରଶିକ୍ଷକ ବଂଶୀଧର ଭୋଇ, ଶିଳ୍ପ ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାନ୍ତି, ଶିଳ୍ପ ବିକାଶ ଅଧିକାରୀ ଶଶୀଶେଖର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନଡ଼ିଆ କତା ଓ ଅନ୍ୟାନ୍ୟ କତା ଜାତୀୟ ଶିଳ୍ପ ଉଦ୍ୟୋଗ ସମ୍ପର୍କରେ ଏସ୍‌ଏସ୍‌ଜି ମହିଳା ସଦସ୍ୟାମାନଙ୍କୁ ସେମାନେ ଅବଗତ କରାଇଥିଲେ। ସ୍ୱେଚ୍ଛାସେବୀ ସଂଗଠନର ସତ୍ତ୍ୱାଧିକାରୀ ମିନତି ଦାସ ଓ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।

## ଉଜ୍ଜ୍ୱଳ ପ୍ରଶିକ୍ଷଣ ଆରମ୍ଭ

ଚାନ୍ଦବାଲି, ୬।୩ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକସ୍ତରୀୟ ଉଜ୍ଜ୍ୱଳ ପ୍ରଶିକ୍ଷଣ ଶିବିର ବୁଧବାର ଦାଖା ହାଇସ୍କୁଲ ପରିସରରେ ଆରମ୍ଭ ହୋଇଛି। ୪ ଦିନ ଧରି ଶିବିର ଚାଲିବ। ଶିକ୍ଷାବିତ୍ ପ୍ରଫୁଲ୍ଲ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ବିଇଓ ପ୍ରଣୟ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ନଳଗୋହିରା, ଓରାସାହି ଓ ହରେକୃଷ୍ଣ ରାୟ ଫିଡର କ୍ଲଷ୍ଟରର ୩୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଭାଗ ନେଇଥିଲେ। ତପନ ସାହୁ, ଦେବାଶିଷ ମୁଦୁଲି, ଅଜୟ ନାୟକ, ମନୋରମା ପଣ୍ଡା, ସିଆର୍‌ସିସି ଲଲାଟେନ୍ଦୁ ପୁହାଣ ପ୍ରଶିକ୍ଷକ ଭାବେ ଯୋଗଦେଇ ଦକ୍ଷତା ଓ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ନେଇ ପ୍ରଶିକ୍ଷଣ ଦେଇଥିଲେ।

# ୮ରେ ବାସହରାଙ୍କ ପ୍ରତିବାଦ ଶୋଭାଯାତ୍ରା

ଚାନ୍ଦବାଲି, ୬।୩(ଡି.ଏନ.ଏ.)

ସରକାର ବାସହରାଙ୍କୁ ବିଭିନ୍ନ ଯୋଜନାରେ ଘରଡିହ ଯୋଗାଇ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ଚାନ୍ଦବାଲି ବ୍ଲକରେ ଏହାର ସୁଫଳ ମିଳୁ ନାହିଁ। ଏପରି କି ବାସହରାଙ୍କ ସମ୍ପର୍କରେ ପ୍ରଶାସନ ନିକଟରେ ଠିକ୍ ତଥ୍ୟ ମଧ୍ୟ ନ ଥିବା ଅଭିଯୋଗ ହୋଇଛି। ଚାନ୍ଦବାଲି ଏନ୍‌ଏସି ଓ ଚାନ୍ଦବାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ବାସହରା ଘରଡିହ ଦାବିରେ ଚାନ୍ଦବାଲି ସଂଗ୍ରାମ ସେନା ନେତୃତ୍ୱରେ ଆସନ୍ତା ୮ ତାରିଖରେ ପ୍ରତିବାଦ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନେ ତହସିଲଦାରଙ୍କ ମାଧ୍ୟମରେ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର ହୋଇଛି। ଶୁକ୍ରବାର ଚାନ୍ଦବାଲିରେ ଏହି ଶୋଭାଯାତ୍ରାରେ ସଂଗ୍ରାମ ସେନାର ମୁଖ୍ୟ ସଂଗ୍ରାମ ରାଉତ ଯୋଗଦେବେ। ଚାନ୍ଦବାଲି କାଳୀପଡ଼ିଆରୁ ବାସହରାଙ୍କ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ତହସିଲ ଅଫିସକୁ ଆସିବ। ଏଥିପାଇଁ ସଂଗ୍ରାମ ସେନା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରକାଶ ଯେ, ଗତ ଜାନୁୟାରୀ ୨୬ ତାରିଖରେ ଚାନ୍ଦବାଲିରେ ଏକ ଭୂମି ଅଧିକାର ସମାବେଶ ଅନୁଷ୍ଠିତ ହୋଇ ପ୍ରଶାସନକୁ ଦାବିପତ୍ର ପ୍ରଦାନ ଲାଗି ନିଷ୍ପତ୍ତି ନିଆଯାଇଥିଲା।

■ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

# ଦୌଲତପୁରରେ ୫୦ଏକର ଜମି ହେବ ଜଳସେଚିତ

ତିହିଡ଼ି, ୬।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତରେ ବୁଧବାର ଅପରାହ୍ନରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ଏହି ପଞ୍ଚାୟତରେ ୫୦ ଏକର ଜମି ଜଳସେଚିତ ହେବା ପାଇଁ ୧୬.୫୦ ଲକ୍ଷ ଟଙ୍କା ବ୍ୟୟରେ ବିନ୍ଧା ବଜାରଠାରେ ଉଠାଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ଶତାଧିକ ଚାଷୀ ଉପକୃତ ହେବେ ବୋଲି ବିଧାୟକ ରାୟ କହିଥିଲେ। ଏହାଛଡ଼ା ଦୌଲତପୁରରେ ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କଲ୍ୟାଣ ମଣ୍ଡପ ଏବଂ ବିନ୍ଧା ଛକରେ ୧୫ ଲକ୍ଷ ଟଙ୍କାରେ ମିନି ଷ୍ଟାଡିୟମ ପାଇଁ ଶିଳାନ୍ୟାସ ହୋଇଛି। ପୀରହାଟ ବଜାରରେ ୩୨ ଲକ୍ଷ ଟଙ୍କା ବ୍ୟୟରେ ୧ ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କି ଓ ୧୫ ଲକ୍ଷ ଟଙ୍କାର ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଛି। ସରପଞ୍ଚ ସୁବାସିନୀ ନାୟକ, ସମିତିସଭ୍ୟ ବାବୁରାମ ବାରିକ, ବାମନବିନ୍ଧା ସରପଞ୍ଚ ଅମର ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନଳିନୀକାନ୍ତ ଦାସ, ଉଠାଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ସାହୁ, କନିଷ୍ଠଯନ୍ତ୍ରୀ ସୁକାନ୍ତ ମିଶ୍ର, ବିପିନ ରାଉତ, ଅଜୟ ରାଉତ, ପାର୍ଥସାରଥୀ ନାୟକ, ହିମାଦ୍ରୀ ମିଶ୍ର ଓ ଭାଗୀରଥି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ମିନି ଷ୍ଟାଡିୟମର ଶିଳାନ୍ୟାସ କରୁଛନ୍ତି ବିଧାୟକ ବ୍ୟୋମକେଶ ରାୟ।

## ଶତବାର୍ଷିକୀ ଉତ୍ସବ ପ୍ରସ୍ତୁତି

ତିହିଡ଼ି, ୬।୩ (ଡି.ଏନ.ଏ.)

ତିହିଡ଼ି ବ୍ଲକ ବାରୋ ପ୍ରାଥମିକ ସ୍କୁଲର ଶତବାର୍ଷିକୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଧୋଇରାମ ଗାହାଣ ଅଧକ୍ଷତା କରିଥିଲେ। ବୈଠକରେ ଶତବାର୍ଷିକୀ ପାଳନ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ଉତ୍ସବର ସୁପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା। କମିଟି ସଭାପତି ଭାବେ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ବାରିକ, ଉପସଭାପତି ସରୋଜ କୁମାର ମିଶ୍ର ଓ ନାରାୟଣ ଚନ୍ଦ୍ର ଦାଶ, ସମ୍ପାଦକ ସନ୍ନ୍ୟାସୀ ଚରଣ ବ୍ରହ୍ମ, ସହସମ୍ପାଦକ ଗଣେଶ ଚନ୍ଦ୍ର ବାରିକ ଓ ବିଜୟକେତନ ଘଡ଼ାଇ, କୋଷାଧ୍ୟକ୍ଷ ଭାବେ ପ୍ରଧାନ ଶିକ୍ଷକ କାଶୀନାଥ ମଲିକ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ଧୋଇରାମ ଗାହାଣ, କୃଷ୍ଣଚନ୍ଦ୍ର ନାୟକ, ପୁରୁଷୋତ୍ତମ ସାହୁ, ଭଗବାନ ଚନ୍ଦ୍ର ନାୟକ, ରମାକାନ୍ତ ମଲିକ ଏବଂ ସଦସ୍ୟ ଭାବେ ଉଦ୍ଧବ ଚରଣ ନାୟକ, ନାରାୟଣ ଚନ୍ଦ୍ର ମାନ୍ଧାତା, ଧ୍ରୁବଚରଣ ସାମନ୍ତରାୟ ଓ ସନ୍ତୋଷ କୁମାର ଦାସଙ୍କୁ ଚୟନ କରାଯାଇଥିଲା।

# ବର୍ଜ୍ୟବସ୍ତୁ ବଢ଼ାଉଛି ସଙ୍କଟ

**କେନ୍ଦୁଝର, ୬।୩ (ସ୍ୱ.ପ୍ର.)**

## ପ୍ରଦୂଷିତ ବୈତରଣୀ



**ଶାହା କମିଶନ ସୁପାରିସକୁ ଅଣଦେଖା**

କେନ୍ଦୁଝର ଜିଲାରେ ଅବିଚାରିତ ଖଣି ଖନନ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବୈତରଣୀ ଓ ଏହି ନଦୀରେ ମିଶିଥିବା (ଟ୍ରାଇବୁଟାରି) ନଦୀ,ନାଳ, ଝରଣା ପ୍ରଭାବିତ ହେଉଛି। ଖଣି ଦୁର୍ନୀତିର ତଦନ୍ତ କରିଥିବା ଜଷ୍ଟିସ ଶାହା କମିଶନ ତାଙ୍କ ରିପୋର୍ଟରେ ଏହି ପ୍ରସଙ୍ଗ ଦର୍ଶାଇବା ସହ ଉପଯୁକ୍ତ ପ୍ରତିକାର ଗ୍ରହଣ କରିବାକୁ କହିଥିଲେ ମଧ୍ୟ ଏଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବ୍ୟାପକ ମୃତ୍ତିକା କ୍ଷୟ ସହିତ ଖଣି ଓ ଶିଳ୍ପର ବର୍ଜ୍ୟବସ୍ତୁ ବୈତରଣୀ ନଦୀ ଓ ଅନ୍ୟାନ୍ୟ ନଦୀ ନାଳରେ ମିଶୁଥିବାରୁ ଏହାର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି । ଅନେକ ଝରଣା ପୋତି ହୋଇପଡ଼ିଥିବା ବେଳେ ଆଉ କେତେକ ପୋତି ହେବାକୁ ବସିଛି। ନଦୀ କୂଳକୁ ମୃତ୍ତିକା କ୍ଷୟରୁ ରକ୍ଷା କରିବା ପାଇଁ ବ୍ୟାପକ ବୃକ୍ଷ ରୋପଣ ଏବଂ ନଦୀ ନାଳରେ ବର୍ଜ୍ୟବସ୍ତୁ ପକାଇବା ନିଷେଧ କରିବାକୁ ମଧ୍ୟ ପରିବେଶବିତମାନେ ଦାବି କରିଛନ୍ତି।

ଉଲେଖନୀୟ ଯେ, କେନ୍ଦୁଝର ଜିଲାରେ ବୈତରଣୀ ନଦୀ ଅବବାହିକାରେ ଥିବା ଗ୍ରାମର ଲୋକ ଏହାର ଜଳ ଉପରେ ନିର୍ଭର କରିଥାନ୍ତି। ଏଥିସହ ଚାଷ ଜମି, ଜଙ୍ଗଲ ପରିପୁଷ୍ଟ ହୋଇଥାଏ । କ୍ରମଶଃ ନଦୀ ଜମି ପୋତି ପୋଡ଼ି ଜଳାଭାବ ଦେଖାଦେଉଥିବାରୁ ଜଳ ସଙ୍କଟ ଧୀରେ ଧୀରେ କରାଳ ରୂପ ଧାରଣ କରୁଛି। ବୈତରଣୀ ନଦୀ ଅବବାହିକାରେ ପାଖାପାଖି ୫୬ଟି ଖଣି ଥିବା ଜଣାପଡିଛି। ଏହି ସବୁ ଖଣିର ବର୍ଜ୍ୟବସ୍ତୁ ବିଭିନ୍ନ ବାଟରେ ନଦୀନାଳରେ ମିଶୁଥିବାରୁ ଜଳ ପ୍ରଦୂଷଣ ସହ ନଦୀ ଶଯ୍ୟା ପୋତି ହୋଇ ନଷ୍ଟ ହୋଇଯାଉଛି। ଏହି ସମସ୍ୟା ନେଇ ବହୁ ପରିବେଶବିତ ଓ ସାମାଜିକ କର୍ମୀ ମାନେ ସ୍ୱର ଉତ୍ତୋଳନ କରିଆସୁଥିଲେ ମଧ୍ୟ କେହି ଶୁଣୁ ନ ଥିବାରୁ ଏବେ ପରିସ୍ଥିତି ଗୁରୁତର ହୋଇପଡିଛି । ଏହା ଛଡା ବହୁ କମ୍ପାନୀ ଏହି ସବୁ ନଦୀନାଳରୁ ବହୁ ପରିମାଣରେ ପାଇପ ଦ୍ୱାରା ବିନା ଅନୁମତିରେ ବେଆଇନ ଭାବେ ପାଣି ନେଇ ବ୍ୟବହାର କରୁଛନ୍ତି। ଯାହାକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଉଛି। ବୈତରଣୀ ନଦୀରେ ବାମ ପାର୍ଶ୍ୱରେ ୩୫ ଓ ଡାହାଣ ପାର୍ଶ୍ୱରେ ୩୦ ନାଳ, ଝରଣା ମିଶିଛି। ଏସବୁ ନାଳ, ଝରଣା ଜଳ ପ୍ରଦୂଷିତ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏହାର ସୁରକ୍ଷା କରାଯିବା ଜରୁରି ବୋଲି ପରିବେଶବିତ ହରେକୃଷ୍ଣ ମହାନ୍ତ କହିଛନ୍ତି।

ବୈତରଣୀ ନଦୀ ବ୍ୟତୀତ କାରୋ, ଦଲକି, ସୋନା, ସାମିଜ ନାଳ, ମୁର୍ଗା, ଖାଟଖାଇ, ଜଳପା, କାକରାପାଣି, ମାହଦେଓ, ବଳିତା, କଙ୍ଗରା, ପାଇଚକୁଣ୍ଡି, ମାରଦା ଆଦି ବହୁ ନାଳ, ଝରଣା କ୍ଷତିଗ୍ରସ୍ତ ହେଉଥିବା ଜଷ୍ଟିସ ଶାହା କମିଶନ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏହା ଛଡା ବିଭିନ୍ନ କମ୍ପାନୀ ବୈତରଣୀ ଓ ଅନ୍ୟାନ୍ୟ ନଦୀରୁ ପାଣି ନେଇ ବ୍ୟବସାୟିକ କାମରେ ଲଗାଉଛନ୍ତି। ଫଳରେ ଚାଷ ପାଇଁ ଥିବା ଜଳକୁ କମ୍ପାନୀମାନେ ନେଇଯାଉଥିବାରୁ ଚାଷ କାର୍ଯ୍ୟ ବ୍ୟାହାତ ହେଉଛି। ବିଆରପିଏଲ, ଏସାର, ଟାଟା, ଜିନ୍ଦଲ, ରୁଙ୍ଗଟା ଭଳି କମ୍ପାନୀ ବ୍ୟବହାର କରିଥିବା ପାଣି ଯୋଗୁଁ ନଦୀରେ ଜଳ ସଙ୍କଟ ଦେଖାଦେଉଛି । ଖରାଦିନେ ନଦୀ ଶଯ୍ୟା ଶୁଖିଲା ପଡୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖଣି ସଂସ୍ଥା ମାନଙ୍କୁ ଉପଯୁକ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ନଦୀ ଉପରେ ନିର୍ଭରଶୀଳ ଲୋକେ କ୍ଷତିଗ୍ରସ୍ତ ହେଉଥିବା ନାଗରିକ ମଞ୍ଚର ସଭାପତି କିରଣ ଶଙ୍କର ସାହୁ କହିଛନ୍ତି। ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପୁଷ୍କର ବେହେରା କହିଛନ୍ତି ଯେ ନଦୀ ଜଳ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ନିଆଯାଉଛି । ନିୟମିତ ପ୍ରଦୂଷଣ ସଂକ୍ରାନ୍ତରେ ଯାଞ୍ଚ କରାଯାଉଛି । ଜନସହଯୋଗ ମିଳିଲେ ସମସ୍ୟାର ସମାଧାନ କରାଯିବ।

## ସଂକ୍ଷେପରେ

### ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି



**କେନ୍ଦୁଝର ୬।୩ (ସ୍ୱ.ପ୍ର.):** କେନ୍ଦୁଝର ପୁରୁଣା ସହର ସିଦ୍ଧମଠଠାରେ ଥିବା ତିନୋଟି ମନ୍ଦିରରୁ ଏକାସାଙ୍ଗରେ ଚୋରୀ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୁର୍ବୃତ୍ତମାନେ ଗତ ମଙ୍ଗଳବାର ରାତିରେ ଦେବାଦେବୀଙ୍କ ମୁକୁଟ ସମେତ ଅନ୍ୟାନ୍ୟ ଗହଣା ଓ ସାମଗ୍ରୀ ଲୁଟ କରି ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କିନ୍ତୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ଫେଲ ମାରିଛି। ଦେବୋତ୍ତର ବିଭାଗ ସୂତ୍ରରୁ ଜଣାପଡିଛି ଯେ କାଳୀମନ୍ଦିରରୁ ମା'ଙ୍କ ମୁକୁଟ, ନାକର ନୋଥ, ଭକ୍ତଙ୍କ ଦାନ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରୀ ହୋଇଛି। ଦୁର୍ବୃତ୍ତ ମାନେ ମନ୍ଦିର ତାଲା ଭାଙ୍ଗିବା ପରେ ଭିତରେ ପଶି ବାକସ ଭାଙ୍ଗିଥିଲେ ବୋଲି ଜଣାପଡିଛି। ସେହିପରି ଶନି ମନ୍ଦିରରୁ ଚାରୋଟି ମୁକୁଟ, ମହାବୀର ମନ୍ଦିରରେ ଗୋଟିଏ ମୁକୁଟ ଦୁର୍ବୃତ୍ତ ମାନେ ଚୋରୀ କରିନେଇଥିବା ଜଣାପଡିଛି । ଏନେଇ ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଉପଜିଲାପାଳ ସୋମନାଥ ପ୍ରଧାନ କହିଛନ୍ତି ଯେ, ଚୋରୀ ସାମଗ୍ରୀ ସବୁ ରୁପାରେ ନିର୍ମିତ ହୋଇଥିବା ବେଳେ ତଦ' ବେଳେ ସଠିକ ଚୋରୀ ହୋଇଥିବା ସାମଗ୍ରୀ ଜଣାପଡିବ। ଏନେଇ ପୋଲିସ ଙ୍କୁ ସୂଚିତ କରିବା ପରେ ପୋଲିସ ତଦ' କରୁଛି। ତଦନ୍ତ ପରେ ଜଣାପଡ଼ିବ। ଜିଲାରେ ସୁରକ୍ଷା ବ୍ୟବସ୍ଥା ଢୋହଳ ଯୋଗୁଁ ଦୁର୍ବୃତ୍ତମାନେ ଅବାଧରେ ବୁଲି ଚୋରୀ, ଲୁଟ କରୁଥିବା ଲୋକେ ଚିନ୍ତାରେ ରହୁଛନ୍ତି। ସହରରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ସହ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷାବଳ ନିଯୁକ୍ତି କରିବାକୁ ଦାବି ହେଉଛି।

### ଚୋରା ମୋବାଇଲ ଜବତ, ୨ ଗିରଫ

**ଯୋଡା, ୬।୩(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ପୋଲିସ ଚୋରି ହୋଇଯାଇଥିବା ୧୧ ଟି ମୋବାଇଲ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଜରିବାହାଲ ଅଞ୍ଚଳର ସମୀର କାରୁଆ ଓ ଭୀମ ବାନ୍ଦରା । ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତିଙ୍କ ସୂଚନାନୁଯାୟୀ, ଫେବୃୟାରୀ ୨୧ ତାରିଖ ବିଳମ୍ବିତ ରାତିରେ ବାମେବାରୀ ଅଞ୍ଚଳର କାନସିର୍ ମୋବାଇଲ ଦୋକାନରୁ ଦୁର୍ବୃତ୍ତମାନେ ମୋବାଇଲ ଚୋରି କରିନେଇଥିଲେ। ଏନେଇ ଦୋକାନ ମାଲିକ କମର କାନସିର୍ ଆନସାରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ବୁଧବାର ସକାଳ ସମୟରେ ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ସେମାନଙ୍କ ଠାରୁ ପୋଲିସ ପ୍ରାୟ ୩୩,୩୭୦ ଟଙ୍କାର ମୋବିଷ୍ଟାର କମ୍ପାନୀର ୧୧ ଟି ମୋବାଇଲ ଜବତ କରିଥିଲା। ବାମେବାରୀ ଥାନାରେ ଏନେଇ ଏକ ମାମଲା(ନଂ. ୩୭/୨୦୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

## ୨ୟ ପର୍ଯ୍ୟାୟ ଭୋଟର ସଚେତନତା

**ଚମ୍ପୁଆ, ୬।୩ (ଡି.ଏନ.ଏ.):** ୨୦୧୯ ସାଧାରଣ ନିର୍ବାଚନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଉପଖଣ୍ଡରେ ଆରମ୍ଭ ହୋଇଛି ଦ୍ୱିତୀୟ ପର୍ଯ୍ୟାୟ ଭୋଟର ସଚେତନତା କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ଇଭିଏମ୍ ସଂକ୍ରାନ୍ତୀୟ ସୂଚନା ପ୍ରଦାନ ସହିତ ୧୨ଟି ଗାଡି ବିଭିନ୍ନ ବ୍ଲକ୍ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ବୁଲି ଭୋଟରଙ୍କୁ ଇଭିଏମ୍ ଏବଂ ଭିଭିପାଟ୍ ସଂକ୍ରାନ୍ତରେ ସଚେତନ କରିବ ବୋଲି ଉପଜିଲାପାଳ ପାରୁଲ ପଟାୱରୀ ସୂଚନା ଦେଇଛନ୍ତି। ଏହି ଗାଡିକୁ ଉପଜିଲାପାଳ ପତାକା ହଲାଇ ଶୁଭାରମ୍ଭ କରିଥିବା ବେଳେ ଗାଡିଗୁଡିକ ଚମ୍ପୁଆ(୨୫) ଏବଂ ପାଟଣା(୨୩) ନିର୍ବାଚନମଣ୍ଡଳୀର ଝୁମ୍ପୁରା, ପାଟଣା, ସାହାରପଡ଼ା, ଯୋଡ଼ା ବ୍ଲକ୍, ମ୍ୟୁନିସିପାଲିଟି, ବଡ଼ବିଲ ମ୍ୟୁନିସିପାଲିଟି ଏବଂ ଚମ୍ପୁଆ ଏନ୍‌ଏସିରେ ବୁଲିବ। ପ୍ରତି ଦିନ ୪ ଗାଁରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଶେଷ କରି ଯୁବ ଭୋଟରଙ୍କୁ ଆକର୍ଷିତ କରିବାକୁ ତଥା ନିର୍ବାଚନ ସମୟରେ ନିରପେକ୍ଷତା ଆଣିବା ସହ ଇଭିଏମ୍ ଏବଂ ଭିଭିପାଟ୍‌ର କାର୍ଯ୍ୟକାରିତା ଓ ଉପକାରିତା ସଂକ୍ରାନ୍ତରେ ଭୋଟରଙ୍କୁ ସୂଚନା ପ୍ରଦାନ କରିବାକୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପଜିଲାପାଳଙ୍କ ସମେତ ସହକାରୀ ଜିଲାପାଳ ସପନ କୁମାର ସାହୁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରି, ସୂଚନା ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## ଇଞ୍ଜିନିୟରିଂ କଲେଜରେ ତାଲା ପକାଇ ଧାରଣା



ଛାତ୍ରମାନେ କଲେଜ ଅଫିସରୁମ୍ ଆଗରେ ଧାରଣାରେ ବସିଛନ୍ତି।

**କେନ୍ଦୁଝର, ୬।୩ (ସ୍ୱ.ପ୍ର.):** ସ୍ଥାନୀୟ ସରକାରୀ ଯାନ୍ତ୍ରିକ ବିଦ୍ୟାଳୟରେ ସାଂସ୍କୃତିକ କମିଟି ଗଠକୁ ନେଇ ବିବାଦ ଦେଖାଦେଇଛି । କମିଟି ପୁନର୍ବାର ଗଠନ କରିବା ବା ବିନା କମିଟିରେ ପିଲାମାନଙ୍କୁ ନେଇ ବାର୍ଷିକ ଉତ୍ସବ ପାଳନ କରିବା ଦାବିରେ ବୁଧବାର ୪ଟି ବିଭାଗର ଛାତ୍ରୀଛାତ୍ର ମାନେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଓ ଅଡିଟୋରିୟମରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ଫଳରେ କଲେଜରେ ପାଠ ପଢା ବାଧାପ୍ରାପ୍ତ ହୋଇଥିଲା। ଚଳିତ ମାସ କଲେଜର ବାର୍ଷିକ ଉତ୍ସବ ହେବାକୁ ଯାଉଛି । ଏଣୁ ଏହି ଅବସରରେ ଏକ ସାଂସ୍କୃତିକ କମିଟି ଗଠନ କରାଯାଇଛି । ତେବେ କଲେଜରେ ୭ ଟି ବିଭାଗ ଥିବା ବେଳେ ୩ ଟି ବିଭାଗର ପିଲା ଙ୍କୁ ନେଇ କମିଟି ଗଠନ କରାଯାଇଥିବାରୁ ବିବାଦ ଦେଖାଦେଉଛି । ଏହାକୁ ବିରୋଧ କରି ଅନ୍ୟ ୪ ଟି ବିଭାଗର ପିଲା ମାନେ ଅଧ୍ୟକ୍ଷଙ୍କୁ ଛାତ୍ର ନେତା ରାଧାମୋହନ ରାୟ, ବିକାଶ କୁମାର ପାତ୍ର, ପଙ୍କଜ କୁମାର ପରିଡା, ଦିବ୍ୟରଞ୍ଜନ ମଲ୍ଲିକ, ନିଶାନ୍ତ ଭଞ୍ଜଦେଓ ଲିଖିତ ଭାବେ ଜଣାଇଥିଲେ । ତେବେ ଦୀର୍ଘ ୧୦ ପରେ ମଧ୍ୟ ସୁଫଳ ନ ମିଳିବାରୁ ବୁଧବାର ଆନ୍ଦୋଳନକୁ ଓହ୍ଲାଇଥିବା ଛାତ୍ରନେତା କହିଛନ୍ତି। ବାର୍ଷିକ ଉତ୍ସବରେ ବହୁ ଅର୍ଥ ଖର୍ଚ୍ଚ ହେବ । ଏଣୁ ଏହି ଉତ୍ସବକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ କେତେକ ଅଧ୍ୟାପକ ଏଭଳି ସମସ୍ତଙ୍କ ମତାମତ ନ ନେଇ ସାଂସ୍କୃତିକ କମିଟି ଗଠନ କରିଥିବା ଅଭିଯୋଗ କରିଛନ୍ତି। ଏଣୁ ଗଠନ କରାଯାଇଥିବା କମିଟିକୁ ଭାଙ୍ଗି ନୂତନ କମିଟି ଗଠନ କରିବା ବା କମିଟି ଗଠନ ନ କରି ସମସ୍ତ ଛାତ୍ର ନେତା ମାନଙ୍କୁ ନେଇ ଉତ୍ସବ ପାଳନ କରିବାକୁ ଦାବି କରିଛନ୍ତି। ତବେ ଏନେଇ ବୁଧବାର ସମାଧାନ ହୋଇ ପାରି ନ ଥିବାରୁ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ର ନେତା ମାନେ କହିଛନ୍ତି।

## ଉଦୟନାଥଙ୍କ ସ୍ମୃତିଚାରଣ ସଭା

**କେନ୍ଦୁଝର, ୬।୩ (ସ୍ୱ.ପ୍ର.):** ସୁପ୍ରସିଦ୍ଧ ଚିକିତ୍ସକ ପୂର୍ବତନ ନଗରପାଳ, ଚିତ୍ରଶିଳ୍ପୀ ସ୍ୱର୍ଗତ ଡାକ୍ତର ଉଦୟନାଥ ସାହୁଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ସଭା ସୋମବାର ଜେଲରୋଡ ସ୍ଥିତ ବସା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାଗରିକ ମଞ୍ଚର ସମ୍ପାଦକ ହିମାଂଶୁ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଲୋକ ସାମିଲ ହୋଇ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ମହାନ ଆଦର୍ଶର ସ୍ମୃତିଚାରଣ କରିଥିଲେ । ଆଇଏମଏର ଜିଲା ସଭାପତି ଡାକ୍ତର ଉଦୟନାଥ ବାରିକ, ସଂପାଦକ ଡାକ୍ତର ମହେଶ ମହାନ୍ତ ଓ ଡାକ୍ତର ଅରୁଣ ସାହୁ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ । ପୂର୍ବତନ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ହୃଦାନନ୍ଦ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅନନ୍ତ ନାଏକ, କିରଣବାଳା ନାୟକ, ସିଟିଜି ନିର୍ଦ୍ଦେଶକ ରାଜେନ୍ଦ୍ର ପଲେଇ, ପ୍ରଗତିଶୀଳ ନାଗରିକ ମଞ୍ଚର ସଭାପତି ଧୀରେନ୍ଦ୍ର ରାଉତ, ସଂଗ୍ରାମ ଦାସ, ଟ୍ରକ ମାଲିକ ସଂଘ ସାଧାରଣ ସଂପାଦକ ସୂର୍ଯ୍ୟନାରାୟଣ କର, ଶଙ୍କର୍ଷଣ ବେହେରାଙ୍କ ସମେତ ବହୁ ବ୍ୟକ୍ତି ସାମିଲ ଥିଲେ । ଆଗାମୀ ଦିନରେ ଡାକ୍ତର ଉଦୟନାଥ ସାହୁଙ୍କ ସ୍ମୃତିରେ ମେମୋରିଆଲ ଟ୍ରଷ୍ଟ ଗଠନ କରାଯାଇ କେନ୍ଦୁଝର ବାସୀଙ୍କୁ ଚିକିତ୍ସା ସୁବିଧା ଯୋଗାଇଦିଆଯିବ ବୋଲି ତାଙ୍କ ସୁପୁତ୍ର ଦିଲ୍ଲୀପ କୁମାର ସାହୁ କହି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ନିର୍ମାଣାଧୀନ ଷ୍ଟାଡ଼ିୟମ୍ ଉଦ୍‌ଘାଟିତ

**ବଡବିଲ, ୬।୩ (ସ୍ୱ.ପ୍ର.)**



ଚମ୍ପୁଆ ଉପଜିଲାପାଳ ଫିତାକାଟି ଷ୍ଟାଡିୟମ ଉଦ୍‌ଘାଟନ କରୁଛନ୍ତି।

କେନ୍ଦୁଝର ଜିଲା ବଡବିଲ ପିଏଚଡି ଅଞ୍ଚଳରେ ନବନିର୍ମିତ ଇନଡୋର ଷ୍ଟାଡିୟମ ବୁଧବାର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟୱାରୀ ଯୋଗ ଦେଇ ଏହାର ଉଦଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ

**ଇନ୍‌ଡୋର ଷ୍ଟାଡିୟମ**

ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ, ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ ଓ କେଜେଏସ ଆଲୁୱାଲିଆ ଗ୍ରୁପର ଅଧ୍ୟକ୍ଷ ପ୍ରଶାନ୍ତ ଆଲୁୱାଲିଆ ପ୍ରମୁଖ ଯୋଗଦେଇଥିଲେ। କେଜେଏସଏ ଗ୍ରୁପ କମ୍ପାନୀର ସିଏସଆର ମାଧ୍ୟମରେ ୫.୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟାଡିୟମର କାର୍ଯ୍ୟ ଏଯାଏଁ ସରି ନ ଥିବାବେଳେ ଓପନ ଜିମ, କିକି ବକ୍ସିଂ ପ୍ଲାଟ ଓ ୨ଟି ଟିଟି ଟେବୁଲ ସ୍ଥାପନା ଆଦି କାର୍ଯ୍ୟ ହେବାର ଯୋଜନା ରହିଥିବା କମ୍ପାନୀ ଅଧ୍ୟକ୍ଷ କହିଛନ୍ତି। ତେବେ ଏହି ଷ୍ଟାଡିୟମର ରକ୍ଷଣାବେକ୍ଷଣ ଦାୟିତ୍ୱ କେଜେଏସ କମ୍ପାନୀ ତୁଲାଇବ ବୋଲି ପ୍ରଶାନ୍ତ ସୁଚନା ଦେଇଛନ୍ତି। ତେବେ ଷ୍ଟାଡିୟମରେ କମ୍ପାନୀ ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା କରାଯାଇ ନ ଥିବାରୁ ସେଥିନିମନ୍ତେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କହିବା ବଦଳରେ ପୌର ନିର୍ବାହୀ ଅଧିକାରୀଙ୍କୁ ଏହାର ସୁବ୍ୟବସ୍ଥା କରିବାକୁ ଉପଜିଲାପାଳ ପରାମର୍ଶ ଦେଇଥିବା ଜଣାପଡିଛି। ତେବେ ନିର୍ମାଣ କାର୍ଯ୍ୟ ନ ସରିବା ପୂର୍ବରୁ ଷ୍ଟାଡିୟମ ଉଦ୍‌ଘାଟନ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ଆନନ୍ଦପୁର ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳିତ

**ଆନନ୍ଦପୁର, ୬।୩(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ଶୁଭ୍ରବାଳା ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ମାୟାଧର ଯେନା, ଏମ୍‌ପିଙ୍କ ପ୍ରତିନିଧି ଦେବପ୍ରିୟ ପାତ୍ର, ଜିଲା ବିଜେଡି ମହିଳା ମୋର୍ଚ୍ଚା ସଭାନେତ୍ରୀ ଆରତୀ ସିଂ, ଆନନ୍ଦପୁର ନଗର ବିଜେଡି ସଭାପତି ରମାକାନ୍ତ ବେହେରା, ଯୁବ ସଭାପତି ଆଇନଜୀବୀ ଭଗବାନ ମଲ୍ଲିକ, ବ୍ଲକ କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ପଲେଇ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ପଞ୍ଚାୟତିରାଜର ପ୍ରତିଷ୍ଠାତା ବିଜୁ ପଟ୍ଟନାୟକଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ମହିଳା ଓ ପୁରୁଷମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକର ସିଧା ପ୍ରସାରଣ ପ୍ରୋଜେକ୍ଟର ମାଧ୍ୟମରେ ଲୋକଙ୍କୁ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

## ପାଟଣାରେ ଜମୁଛି ଜାଗର ମହୋତ୍ସବ



ଜାଗର ମହୋତ୍ସବରେ ଉପସ୍ଥିତ ଅତିଥି।

**ପାଟଣା, ୬।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ପ୍ରାଚୀନ ଶୈବ ପୀଠ ଆନନ୍ଦେଶ୍ୱର ମହାଦେବଙ୍କ ଜାଗର ମହୋତ୍ସବ-୨୦୧୯ ମଙ୍ଗଳବାର ରାତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ସଭା ଆରମ୍ଭରେ ଆନନ୍ଦେଶ୍ୱରଙ୍କ ଚଳନ୍ତି ପ୍ରତିମା ଓ ମଶାଲ ଶୋଭାଯାତ୍ରା ଏକ ସୁରମ୍ୟ ରଥରେ ନଗର ପରିକ୍ରମା କରିଥିଲା। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜାଗର ମହୋତ୍ସବ କମିଟିର ସଭାପତି ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଜିଲା ଟ୍ରକ ଆସୋସିଏଶନ ସଭାପତି ରମାକାନ୍ତ ନାଏକ, ସମ୍ପାଦକ ସୂର୍ଯ୍ୟକାନ୍ତ କର, ସହ ସମ୍ପାଦକ ସଞ୍ଜୟ ସିଂ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ସାମାଜିକ କର୍ମୀ ଅଜୟକୁମାର ଦାଶ, ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ମିଶ୍ର, ନବଘନ ଦାଶ ପ୍ରମୁଖ ଯୋଗ ଦେଇ ଆନନ୍ଦେଶ୍ୱର ମହାଦେବଙ୍କ ଜାଗର ଯାତ୍ରାର ପ୍ରାଚୀନତା ଉପରେ ଆଲୋକପାତ କରିଥିଲେ। ଏହି ଯାତ୍ରା ସ୍ଥାନୀୟ ଅଞ୍ଚଳର କଳାସଂସ୍କୃତିକୁ ପ୍ରୋତ୍ସାହନ ଦେଇ ଆସିଛି ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ଅରୁଣ କୁମାର ମିଶ୍ରଙ୍କ ସଂଯୋଜନାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପାର୍ଥସାରଥୀ ବେଜ ଓ କମଳାକାନ୍ତ ପତି ସଂଯୋଜନା କରିଥିଲେ। ସଭା ଶେଷରେ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ୯ଦିନ ବ୍ୟାପୀ ହେବାକୁଥିବା ଏହି ମହୋତ୍ସବରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଲାଗି ସ୍ଥିର ହୋଇଛି। ଖଣ୍ଡୁରାଇ ଝୁମର ଡ୍ୟାନ୍ସ ଗ୍ରୁପ, ଟମକା, ଯାଜପୁର ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ, କେନ୍ଦୁଝର ବର୍ଷା ଡ୍ୟାନ୍ସ ଗ୍ରୁପ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସିମିଲି ଥିଏଟର ଗ୍ରୁପ ଯାଜପୁର ତରଫରୁ ନାଟକ 'ଡାଲୁ' ପରିବେଷିତ ହେବ ବୋଲି ସ୍ଥିର ହୋଇଛି।

## ଭିଭିପାଟ୍ ସଚେତନତା ଅଭିଯାନ ଆରମ୍ଭ

# ଗଡ଼ିଲା ସଚେତନତା ରଥ

**କେନ୍ଦୁଝର ୬।୩ (ସ୍ୱ.ପ୍ର.)**



ସଚେତନତା ରଥକୁ ଜିଲାପାଳ ଆଶିଷ ଠାକ୍‌ରେ ଉଦ୍‌ଘାଟନ କରୁଛନ୍ତି।

ଜିଲା ସ୍ତରୀୟ ନିର୍ବାଚନୀ ପ୍ରଚାର ରଥକୁ ଜିଲାପାଳ ଆଶିଷ ଠାକରେ ବୁଧବାର ଜିଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟନ କରିଛନ୍ତି। ଉପଜିଲାପାଳ ସୋମନାଥ ପ୍ରଧାନ, ନିର୍ବାଚନ ଅଧିକାରୀ ରାମଚନ୍ଦ୍ର କିସ୍କୁ, ଡିଆଇପିଆରଓ ସଞ୍ଜୀବ ବାରିକଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ରଥ ଜିଲାର କେନ୍ଦୁଝର ସମେତ ଅନ୍ୟ ଉପଖଣ୍ଡରେ ବୁଲି ଲୋକଙ୍କୁ ଭୋଟ ଦାନ ପାଇଁ ସଚେତନତା ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଉଛି । ସମସ୍ତେ କିପରି ମୂଲ୍ୟବାନ ଭୋଟ ଦେଇ ଅଧିକାର ସାବ୍ୟସ୍ତ କରିବେ ଏବଂ ପ୍ରଲୋଭିତ ନ ହୋଇ ଭୋଟ ଦାନ କରି ସଚ୍ଚୋଟ ପ୍ରାର୍ଥୀ କୁ ଭୋଟ ଦାନ କରି ସୁସ୍ଥ ରାଜ୍ଯ ଓ ଦେଶ ଗଠନରେ ସହାୟକ ହେବେ ସେ ନେଇ ସଚେତନ କରାଯାଉଥିବା ଜଣାପଡିଛି।

ସେହିପରି ବୁଧବାର ଉପଜିଲାପାଳ ଚମ୍ପୁଆ ଓ ଉପଜିଲାପାଳ ଆନନ୍ଦପୁରଙ୍କ ଦ୍ୱାରା ସମ୍ପୃକ୍ତ ଉପଖଣ୍ଡରେ ଉକ୍ତ ଅଭିଯାନର ଶୁଭାରମ୍ଭ କରାଯାଇଛି। ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କୁ 'ଇଭିଏମ୍-ଭିଭିପାଟ୍' ମେଶିନର ବ୍ୟବହାର ଓ ସ୍ୱଚ୍ଛ, ମୁକ୍ତ ଓ ଅବାଧ ମତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ 'ଇଭିଏମ୍-ଭିଭିପାଟ୍' ମେଶିନରେ ମତଦାନ କରିବାର ପ୍ରକ୍ରିୟା ସହିତ ଅଭ୍ୟସ୍ତ କରାଇବା ଉଦ୍ଦେଶ୍ୟରେ ଜିଲାରେ ୪୨ଟି ଟିମ୍ ଗଠନ କରାଯାଇଛି। ପ୍ରତି ଟିମ୍‌ରେ ତାଲିମ୍ ପ୍ରାପ୍ତ ଅଧିକାରୀ/କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ପ୍ରତିଦିନ ସକାଳ ୮ଟାରୁ ରଥ ବାହାରି ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଅନ୍ତତଃ ପ୍ରତିଦିନ ୪ଟି ଗାଁରେ ସଚେତନତା ସୃଷ୍ଟି କରିବ। ଉପଜିଲାପାଳଙ୍କ ଦ୍ୱାରା ସଚେତନତା ରଥ ପରିକ୍ରମାର ଦୈନନ୍ଦିନ ସାରଣୀ ପ୍ରସ୍ତୁତ କରାଯାଇଛି । ଜନଗହଳି ସ୍ଥାନ, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ୍, ହାଟ ବଜାରମାନଙ୍କରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ରାଜସ୍ୱ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଓ 'ଇଭିଏମ୍-ଭିଭିପାଟ୍' ମେଶିନ୍‌ର ଅଭ୍ୟାସ କାର୍ଯ୍ୟକ୍ରମ ସମ୍ପୃକ୍ତ ଗାଁର ଭୋଟରମାନଙ୍କୁ ଅବଗତ କରାଇବା ନିମନ୍ତେ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜିଲାପାଳ ଠାକରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗୋଟିଏ ରାତିରେ ୮ ଦୋକାନରୁ ଚୋରି
### ବିଦ୍ୟାଳୟରେ ଭଙ୍ଗାରୁଜା

**ବାସୁଦେବପୁର, ୬।୩ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ ନରସିଂହପୁର ବଜାରରୁ ମଙ୍ଗଳବାର ରାତିରେ ୮ଟି ଦୋକାନରୁ ଚୋରି ହୋଇଛି। ଏଥିସହ ଚୋରମାନେ ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗେଟ୍ ତାଲା କାଟି ୩ଟି ଗଡ୍ରେଜ ଭଙ୍ଗାରୁଜା କରିଛନ୍ତି। ନରସିଂହପୁର ଭଳି ଏକ ଛୋଟ ବଜାରରେ ଗୋଟିଏ ରାତିରେ ୮ ଦୋକାନରୁ ଚୋରି ହେବା ଓ ବିଦ୍ୟାଳୟରେ ଭଙ୍ଗାରୁଜା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଚୋରମାନେ ଉକ୍ତ ବଜାରରେ ଥିବା ଘନଶ୍ୟାମ ମୁଦୁଲିଙ୍କ ଷ୍ଟେଶନେରି ଦାକାନ, ସଞ୍ଜୀବ ନାୟକଙ୍କ ଚୂଡାମୁଢି ଦୋକାନ, ଶମ୍ଭୁ ଖାଁଙ୍କର ଟେଲର, ମନ୍ମଥ ପଣ୍ଡାଙ୍କର ଷ୍ଟେଶନେରି, ବଟକୃଷ୍ଣ ପରିଡାଙ୍କ ଡେଜରାତି, ପ୍ରଫୁଲ୍ଲ ପରିଡାଙ୍କ ଜେରକ୍ସ, ଭାସ୍କର ପରିଡାଙ୍କ ପାନ ଓ ଅନୱାର ଖାଁଙ୍କ ଦୋକାନରୁ ଚୋରି କରି ନେଇଯାଇଛନ୍ତି। ଚୋରମାନେ ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ସେହିପରି ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତାଲା କାଟି ଭଙ୍ଗାରୁଜା କରାଯାଇଥିବା ବୁଧବାର ସକାଳେ ଜଣାପଡ଼ିଥିଲା। ଦୋକାନୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଚୋରି ଘଟଣାର ପ୍ରାଥମିକ ତଦନ୍ତ କରିଛି। ଚୋରଙ୍କୁ ଠାବ କରିବା ପାଇଁ ତନାଘନା ଜାରି ରହିଥିବା ପୋଲିସ କହିଛି।

### ବର୍ତ୍ତନାରେ ବାର୍ଡ ଫ୍ଲୁ ଆଶଙ୍କା

**ଜଳେଶ୍ୱର, ୬।୩ (ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ବର୍ତ୍ତନା ପଞ୍ଚାୟତର ବର୍ତ୍ତନା ଗ୍ରାମସ୍ଥିତ ଏକ ମହାବିଦ୍ୟାଳୟ ନିକଟରେ ଥିବା ନମନାଳ ଖାଲରେ ବୁଧବାର ସନ୍ଧ୍ୟାରେ ଶତାଧିକ ପ୍ଲାଷ୍ଟିକ ବ୍ୟାଗ୍‌ରେ ଭର୍ତ୍ତି ମଲା କୁକୁଡ଼ା ଫିଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଛି। ଏହାକୁ ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବାର୍ଡଫ୍ଲୁରେ କୁକୁଡ଼ାଗୁଡ଼ିକ ମରିଥିବା ଆଶଙ୍କା କରାଯାଉଛି। ଖବର ପାଇ ଜଳେଶ୍ୱର ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏହି ପଞ୍ଚାୟତର ଏକ ଗ୍ରାମରେ ଥିବା ଜଣେ କୁକୁଡ଼ା ଦୋକାନୀ ଉକ୍ତ କୁକୁଡ଼ାଗୁଡ଼ିକୁ ଫିଙ୍ଗି ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

### ଖଣି ଶ୍ରମିକଙ୍କୁ ଆକ୍ରମଣ

**ଖଇରା, ୬।୩ (ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଜଣେ ଖଣି ଶ୍ରମିକଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଧାର ପଇସା ମାଗିବାକୁ କେନ୍ଦ୍ରକରି ଏଭଳି ଆକ୍ରମଣ ଘଟିଥିବା ସନ୍ଦେହ କରାଯାଉଛି। ଆହତ ଶ୍ରମିକଙ୍କ ଘର କଦଳିଗଡ଼ିଆ ଗ୍ରାମରେ ବୋଲି ସୂଚନା ମିଳିଛି।

## ■ ବାରିପଦା ପୋଲିସର ଦାଦାଗିରି

# ଆନ୍ଦୋଳନକାରୀଙ୍କୁ ମାଡ଼ମାରି ଲହୁଲୁହାଣ

**ବାରିପଦା ଅଫିସ,୬।୩**



ପୋଲିସ ମାଡ଼ରେ ଆଘାତ ପାଇଥିବା ଆନ୍ଦୋଳନକାରୀ।

■ମାନବାଧିକାର କ୍ଷୁଣ୍ଣ ଅଭିଯୋଗ

■ଘଟଣାକୁ ପୋଲିସର ଅସ୍ୱୀକାର

ହାଜତ ମୃତ୍ୟୁ ହେଉ କିମ୍ବା ଥାନା ଅଧିକାରୀ ଲାଞ୍ଚନେଇ ଭିଜିଲାନ୍ସ ହାବୁଡ଼ରେ ପଡ଼ିବା ଭଳି ଘଟଣା ନେଇ ସବୁବେଳେ ପୋଲିସକୁ ଜନତାଙ୍କ ସମାଲୋଚନ ସହିବାକୁ ପଡୁଛି। ଏବେ ଆନ୍ଦୋଳନକାରୀଙ୍କୁ ମାଡ଼ମାରି ଲହୁଲୁହାଣ କରିବା ଭଳି ଘଟଣା ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସକୁ ଅଡୁଆରେ ପକାଇଛି।

ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତି ମଙ୍ଗଳବାର ଭାରତ ବନ୍ଦ ଡାକରା ଦେଇଥିଲା। ବାରିପଦା ସହର ସମେତ ମୟୂରଭଞ୍ଜ ଜିଲାରେ ସମିତିର କର୍ମକର୍ତ୍ତାମାନେ ବନ୍ଦ ପାଳନ କରିଥିଲେ। ବନ୍ଦ ଭଣ୍ଡୁର କରିବା ପାଇଁ ସୋମବାର ସନ୍ଧ୍ୟାରେ ପୋଲିସ ଯୋଜନା କରି ବିଫଳ ହୋଇଥିଲା। ମଙ୍ଗଳବାର ସମିତି କର୍ମକର୍ତ୍ତାମାନେ ସକାଳୁ ସହର ସାରା ପିକେଟିଂ କରି ଦୋକାନବଜାର ବନ୍ଦ କରି ସମର୍ଥନ କରିବାକୁ ଲୋକଙ୍କୁ ଅନୁରୋଧ କରୁଥିଲେ। ବନ୍ଦରେ ସାମିଲ ଥିବା ୬୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତାଙ୍କୁ ପୋଲିସ ଅଟକ ରଖିଥିଲା। ପ୍ରାୟ ୬୦ ଜଣଙ୍କୁ ଲକ୍ଷ୍ମୀପୋଷି ଫାଣ୍ଡିରେ ରଖିଥିବା ବେଳେ ୯ ଜଣଙ୍କୁ ବାରିପଦା ଟାଉନ ଥାନାରେ ଅଟକ ରଖାଯାଇଥିଲା। ଟାଉନ ଥାନାରେ ଅଟକ ଥିବା ୯ ଜଣଙ୍କୁ କଚେରି ମାର୍କେଟ ନିକଟରୁ ପୋଲିସ ଉଠାଇ ବନ୍ଦ ପାଳନରୁ ନିବୃତ୍ତ ରହିବାକୁ କହି ନିସ୍ତୁକ ମାଡ଼ ମାରିଥିବା ବୁଧବାର ଅଭିଯୋଗ ହୋଇଛି। କରମଜିତ ସିଂ ଓ ଗୁରୁଚରଣ ସିଂଙ୍କୁ ପୋଲିସ ମାଡମାରି ଲହୁଲୁହାଣ କରିଥିବା ସେମାନେ କହିଛନ୍ତି। ଏପରିକି ୯ ଜଣଙ୍କୁ ହାଜତ ଭିତରେ ରଖି ମାନସିକ ନିର୍ଯାତନା ମଧ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ସେହିପରି ସନ୍ଧ୍ୟା ୭ଟା ବେଳେ ସାଦା କାଗଜରେ ଦସ୍ତଖତ କରାଇ ସେମାନଙ୍କୁ ଛଡ଼ା ଯାଇଥିଲା। ପରେ ଉପରୋକ୍ତ ଦୁଇଜଣ ଯୁବକ ବାରିପଦା ପିଆରଏମ ମେଡିକାଲ କଲେଜକୁ ଯାଇ ଚିକିତ୍ସିତ ହୋଇଥିଲେ। ଉଭୟଙ୍କ ଦେହ, ପିଠା, ଏବଂ ଜଙ୍ଘରେ ମାଡ଼ ଦାଗ ରହିଛି। ସେହିପରି ମୁର୍ଗାବାଡ଼ି ଛକରେ ଆନ୍ଦୋଳନ କରୁଥିବା ଆନ୍ଦୋଳନକାରୀଙ୍କୁ ମଧ୍ୟ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଖାଉଥିବାବେଳେ ପୋଲିସ ଖାଦ୍ୟ ଫିଙ୍ଗିବା ସହିତ ସେମାନଙ୍କୁ ସେଠାରୁ ଜୋର ଜବରଦସ୍ତି ଉଠାଇ ନେଇଥିଲା ବୋଲି ଗୁମାସ୍ତା ମାରାଣ୍ଡି କହିଛନ୍ତି। ପୋଲିସ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଜିଲା ଯୁବ କଂଗ୍ରେସ ସଭାପତି ରାକେଶ ସିଂ କହିଛନ୍ତି, ମୟୂରଭଞ୍ଜ ଜିଲା ଆଦିବାସୀ ଅଧ୍ୟୁଷିତ ହେତୁ ବାସିନ୍ଦା ଆଇନକାନୁନ ସମ୍ପର୍କରେ ସେତେଟା ଅବଗତ ନୁହନ୍ତି। ଏମାନଙ୍କୁ ପୋଲିସ ଏଭଳି ମାଡ଼ମାରି ପୋଲିସ ସେମାନଙ୍କ ମାନବାଧିକାର କ୍ଷୁର୍ଣ୍ଣ କରିଛି। ଏ ସମ୍ପର୍କରେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ ନାୟକଙ୍କ ସହିତ ଆଲୋଚନା କରିବାରୁ ପୋଲିସ ଆନ୍ଦୋଳନକାରୀଙ୍କୁ ମାଡ଼ ମାରିନାହିଁ। ୬୩ ଜଣ ଆନ୍ଦୋଳନକାରୀଙ୍କ ନାମରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିଲା। ପରେ ସେମାନେ ଜାମିନ୍‌ରେ ଖଲାସ ହୋଇଛନ୍ତି। ଆନ୍ଦୋଳନକାରୀମାନେ ଦୋକାନବଜାର ବନ୍ଦ କରିବା ପାଇଁ ଠେଙ୍ଗା ବାଡି ଦେଖାଇ ଲୋକଙ୍କୁ ଧମକ ଦେଉଥିଲେ ବୋଲି ସେ କହିଛନ୍ତି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ
## ଗୁରୁତର ଅବସ୍ଥାରେ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

**ବାଲେଶ୍ୱର ଅଫିସ,୬।୩**



ଆହତ ଦିଲ୍ଲୀପ।

ବାଲେଶ୍ୱର ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ବାଲିଆ ଅଞ୍ଚଳର କୁକୁଡ଼ାପଦାସ୍ଥିତ ଏକ ପାନଦୋକାନରେ ଦିଲ୍ଲୀପ ଦେ (୨୨) ନାମକ ଜଣେ ଯୁବକ ସାଙ୍ଗମାନଙ୍କ ସହିତ କଥାବାର୍ତ୍ତା ହେଉଥିବା ବେଳେ ଦୁଇଟି ବାଇକ୍‌ରେ ୬ଜଣ ଯୁବକ ଆସି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନେ ଥଣ୍ଡା ପାନୀୟ ବୋତଲ, ଭୁଜାଲି ଏବଂ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତା ଆକ୍ରମଣର କାରଣ ହୋଇପାରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଦେବଖୁଣ୍ଟା ମଡେଲ ଥାନାଧିକାରୀ ଶୁଭ୍ରାଂଶୁ ନାୟକ ପ୍ରକାଶ କରିଛନ୍ତି।

ବାଲିଆ ଅଞ୍ଚଳର ଦିଲ୍ଲୀପ ବୁଧବାର ଅପରାହ୍ନ ପ୍ରାୟ ୪ଟା ୩୦ରେ କ୍ରିକେଟ୍ ଖେଳିବାକୁ କୁକୁଡ଼ାପଦା ନିକଟକୁ ଯାଉଥିଲା। ରାସ୍ତାରେ ଏକ ପାନଦୋକାନରେ ଛିଡ଼ା ହୋଇ ଉକ୍ତ ଦୋକାନରେ ରଖାଯାଇଥିବା ଖେଳସାମଗ୍ରୀ ନେଉଥିବା ସମୟରେ ଅନ୍ୟ କେତେକ ଯୁବକଙ୍କ ସହିତ ସାମାନ୍ୟ ବଚସା ହୋଇଥିଲା। ପୂର୍ବ ଶତ୍ରୁତା କାରଣରୁ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ନିଜର ସହଯୋଗୀମାନଙ୍କୁ ଡକାଇଥିଲେ। ଦୁଇଟି ବାଇକ୍‌ରେ ୬ଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚି ଦିଲ୍ଲୀପଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଦିଲ୍ଲୀପଙ୍କ ମୁଣ୍ଡକୁ ଭୁଜାଲିରେ ଆଘାତ କରାଯାଇଥିବାରୁ ଘଟଣାସ୍ଥଳରେ ସେ ଅଚେତ୍ ହୋଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତନାଘନା କରିବା ସହ ତଦନ୍ତ ଆରମ୍ଭ କରିଛି। ଦିଲ୍ଲୀପଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନାହିଁ।

## ■ ପୋଖରୀକୁ ଖସିଲା ସ୍କୁଲ ଭ୍ୟାନ

# ୧୫ ଛାତ୍ରୀଛାତ୍ର ଆହତ, ୨ ଗୁରୁତର



ପୋଖରୀକୁ ଖସିପଡ଼ିଥିବା ସ୍କୁଲ ଭ୍ୟାନ୍।

**ହାଟଡିହୀ, ୬। ୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଚଣ୍ଡି ବିରଞ୍ଚିପୁରରେ ଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଗାଡି ଛାତ୍ରୀଛାତ୍ରଙ୍କୁ ନେଇ ଆସୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପୋଖରୀକୁ ଖସି ଓଲଟିପଡିଥିଲା। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସୂଚନା ମୁତାବକ ବୁଧବାର ସକାଳ ପ୍ରାୟ ୭ଟା ୩୦ ସମୟରେ ଢେଙ୍କା ପାର୍ଶ୍ୱରୁ ସ୍କୁଲ ଗାଡି ଛାତ୍ରୀଛାତ୍ରଙ୍କୁ ନେଇ ସ୍କୁଲ ଆସୁଥିବା ଜମ୍ବିରା ନିକଟ ରାସ୍ତା କଡରେ ଥିବା ପୋଖରୀକୁ ଓଲଟିପଡିଥିଲା। ଶୌଚ ହେବାକୁ ଆସିଥିବା କିଛି ଲୋକ ଗାଡି ପୋଖରୀରେ ଓଲଟି ପଡି ବୁଡି ଯିବା ଦେଖି ଦୌଡିଯାଇ ଗାଡି ଭିତରୁ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିଥିଲେ। ଜଣେ ନବମ ଶ୍ରେଣୀ ଛାତ୍ରୀ ଓ ଅନ୍ୟ ଜଣେ ତୃତୀୟ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇ ହାଟଡିହୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅଧିକ ଚିକିତ୍ସା ଲାଗି ଭଦ୍ରକ ସ୍ଥାନାନ୍ତର କରାଯାଇଛି। ଗାଡି ଷ୍ଟେରିଂ ଫେଲ ପାଇଁ ଏପରି ଘଟିଥିବା ଅନୁମାନ କରାଯାଉଛି। ସ୍କୁଲ ଅଧ୍ୟକ୍ଷ ଲକ୍ଷ୍ମୀଧର ମହାରଣା କହିଛନ୍ତି ଯେ ଅନ୍ୟ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ଗାଡି ଷ୍ଟେରିଂ ଫେଲ ପାଇଁ ଏପରି ହୋଇଛି।

### ବାଇକ୍‌ରୁ ଖସି ଯୁବକ ମୃତ

**ରାଇରଙ୍ଗପୁର,୬।୩(ଡି.ଏନ୍.ଏ.)**

ରାଇରଙ୍ଗପୁର ସହରାଞ୍ଚଳ ବଡ଼ବଜାର ନିକଟସ୍ଥ ବାରିପଦା ରାଇରଙ୍ଗପୁର ରାସ୍ତାରେ ବୁଧବାର ବାଇକ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବହଳଦା ଥାନା ଅନ୍ତର୍ଗତ ବହଳଦା ସାଲେ ସାହି ବସ୍ତି ଅଞ୍ଚଳର ରବୀନ୍ଦ୍ର ମାରାଣ୍ଡି । ଘଟଣାସ୍ଥଳରୁ ରବୀନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରିବା ସହ ମାମଲା(୩୦/୧୯ ) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

### ଦୁଇ ମଦ ବ୍ୟବସାୟୀ ଗିରଫ

**ରାଇରଙ୍ଗପୁର,୬।୩(ଡି.ଏନ୍.ଏ.)**

ରାଇରଙ୍ଗପୁର ଟାଉନ ପୋଲିସ ବୁଧବାର ଚଢ଼ଉ କରି ମହୁଲଡ଼ିହା ବସ୍ତି ଅଞ୍ଚଳରୁ ଦୁଇ ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ବ୍ୟବସାୟୀ ହେଲେ ମହୁଲଡ଼ିହା ବସ୍ତିର ନରେନ୍ଦ୍ର ହାଁସଦା ଏବଂ ତାଙ୍କ ସ୍ତ୍ରୀ ସାକର ମଣି। ଚଢ଼ଉବେଳେ ପୋଲିସ ୮୦ ଲିଟର ଦେଶୀମଦ ଏବଂ ପ୍ରାୟ ଦେଢ଼ ଲିଟର ବିଦେଶୀ ମଦ ଜବତ କରିଛି। ଉଭୟ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଭତ୍ତା ତାଲିକାରୁ ହିତାଧିକାରୀଙ୍କ ନାଁ ଉଭାନ

**ଖଇରା, ୬।୩ (ଡି.ଏନ.ଏ.)**

■ବିଡିଓଙ୍କୁ ଭେଟିଲେ ସରପଞ୍ଚ

■ଦାବି ପୂରଣ ନ ହେଲେ ଧାରଣା

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନୟାଖଣ୍ଡି ପଞ୍ଚାୟତରେ ଭତ୍ତା ପାଇଁ ଚୟନ କରାଯାଇଥିବା ହିତାଧିକାରୀଙ୍କ ତାଲିକାରେ ଅନେକେ ବୃଦ୍ଧାବୃଦ୍ଧ ଓ ବିଧବା ମହିଳାଙ୍କ ନାମ ନ ଥିବା ଅଭିଯୋଗ ହୋଇଛି। ଏନେଇ ଗାଁ ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଉଚ୍ଚ ଅଧିକାରୀ ତଦନ୍ତ କରି ଭତ୍ତା ତାଲିକାରୁ ବଞ୍ଚିତ ହିତାଧିକାରୀଙ୍କ ନାମ ଯୋଗ କରିବାକୁ ସରପଞ୍ଚ ମମତା ବେହେରା ବୁଧବାର ବିଡିଓ ମହେଶ ଚୌଧୁରୀଙ୍କୁ ଭେଟି ଲିଖିତ ଦାବି କରିଛନ୍ତି।

ଗତ ଡିସେମ୍ବର ୧୨ତାରିଖରେ ଚିଠି ନମ୍ବର ୧୧୯ରେ ପଞ୍ଚାୟତରେ ଯୋଗ୍ୟ ବିବେଚିତ ୫୯ ଜଣଙ୍କ ନାମ ଭତ୍ତା ତାଲିକାରେ ସାମିଲ କରିବାକୁ ବ୍ଲକ ପ୍ରଶାସନକୁ ପଞ୍ଚାୟତ ପକ୍ଷରୁ ଚିଠି କରାଯାଇଥିଲା। ହେଲେ ମାର୍ଚ୍ଚ ୭ ତାରିଖରେ ଭତ୍ତା ବଣ୍ଟନ ପାଇଁ ବ୍ଲକକୁ ଆସିଥିବା ତାଲିକାରେ ଏଥିରୁ ୧୩ ଜଣଙ୍କୁ ବାଦ୍ ଦିଆଯାଇଥିବା ଜଣାପଡିଥିଲା। ଏହି ୧୩ ହିତାଧିକାରୀଙ୍କ ବୟସ ୬୪ ରୁ ୭୪ ହୋଇଥିବା ବେଳେ ସେମାନଙ୍କ ନାମ ବାଦ୍ ପଡ଼ିବା ଅଧିକାରୀମାନଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରପଞ୍ଚ ବେହେରା ଏହି ଅଭିଯୋଗ କରି ଖୁବ୍‌ଶୀଘ୍ର ଏହାର ପ୍ରତିକାର ନ ହେଲେ ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତବାନୀ ଦେଇଛନ୍ତି । ତାଲିକାରୁ ବାଦ ପଡିଥିବା ଚକ୍ରଧର ନାଇକ, ବିଷ୍ଣୁଚରଣ ଦାସ, ମନୋରମା ରାଉତ, ଜୟକୃଷ୍ଣ ବେହେରା, ବିଜୟ ଖୁଣ୍ଟିଆ, ମହେନ୍ଦ୍ର ବେହେରା, ମାଳତୀ ଦାସ, ବାବାଜୀ ସ, ଦୈତାରୀ ଦାସ, ବିଦ୍ୟାଧର ବେହେରା, ସୁବାସ ଚନ୍ଦ୍ର ମୁଖୀ, କୁଶ ଦାସ ଓ କ୍ରୀଷ୍ଣାଦେବ ପାତ୍ର ଅନୁରୂପ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ୧୦ଜଣଙ୍କ ନାମ ଭତ୍ତା ତାଲିକାରୁ ବାଦ୍ ଦିଆଯାଇଥିବା ବରଦା ସରପଞ୍ଚ ପାନ ସୋରେନ ମଧ୍ୟ ଖଇରା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ଯେଉଁମାନଙ୍କ ନାମ ତାଲିକାରେ ନାହିଁ ପର୍ଯ୍ୟାୟକ୍ରମେ ସେମାନଙ୍କୁ ସାମିଲ କରାଯିବ ବୋଲି କହିଛନ୍ତି।

# ଖୋଲିଲା ସବୁଦିନିଆ ଲୋକ ଅଦାଲତ

**ଭଦ୍ରକ ଅଫିସ, ୬।୩**

ଭଦ୍ରକ ଜିଲା କୋର୍ଟ ପରିସରରେ ବୁଧବାର ସନ୍ଧ୍ୟାରେ ସବୁଦିନିଆ ଲୋକଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଞ୍ଜୁ ପଣ୍ଡା ଯୋଗଦେଇ ଲୋକଅଦାଲତ ଗୃହକୁ ଉଦ୍‌ଘାଟନ କରିଥିଲେ। ଏଣିକି ବିଚାର ଅପେକ୍ଷାରେ ପଡ଼ି ରହୁଥିବା ମାମଲାର ତ୍ୱରିତ ବିଚାର ହୋଇପାରିବ। ନ୍ୟାୟିକ ବ୍ୟବସ୍ଥା ଦ୍ୱାରା ପୂର୍ବରୁ ନିର୍ଦ୍ଦିଷ୍ଟ କେତେକ ଦିନରେ ଲୋକଅଦାଲତ କରାଯାଇ ଦୁଇପକ୍ଷ ସହମତି ଭିତ୍ତିରେ ମାମଲାର ଆପୋଷ ସମାଧାନ ବିଚାର କରାଯାଉଥିଲା। ଏଣିକି ସବୁଦିନ ଏହି ଲୋକଅଦାଲତ କାର୍ଯ୍ୟ କରିବ। ଜିଲା ଜଜ୍ ଶୋଭନ କୁମାର ଦାସ, ପରିବାର ଅଦାଲତ ନ୍ୟାୟଧିଶ ସଞ୍ଜୀବ କୁମାର ଦୁବେ, ସ୍ଥାୟୀ ଲୋକଅଦାଲତ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣତି ଶାହା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମିୟ ରଞ୍ଜନ ଜେନା, ରାଜ୍ୟ ଆଇନସେବା ପ୍ରାଧିକରଣ ଡେପୁଟି ସଚିବ ଦୀପକ ରଞ୍ଜନ ସାହୁ, ବରିଷ୍ଠ ଦେୱାନୀ ଜଜ୍ ଲୋପାମୁଦ୍ରା ମଲ୍ଲ, ରେଜିଷ୍ଟ୍ରାର ଜନକ ରାଉତ, ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଗୌତମ ମିଶ୍ର, ଦେୱାନୀ କନିଷ୍ଠ ବିଚାରପତି ସନ୍ତୋଷ ପାଣିଗ୍ରାହୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସରୋଜିନୀ ସାହୁ, ସୃଜନ ସାରସ୍ୱତ ଓ ସୁକନ୍ୟା ଶତପଥୀ, ପ୍ରୋବେସନର ଜଜ୍ ଲିପ୍ସା ରାଉତ, ଅମିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଏସ୍‌ପି ରାଜେଶ ପଣ୍ଡିତ, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିୟ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। କୋର୍ଟ ମ୍ୟାନେଜର ମାନସ କୁମାର ରଥ, ବିଭିନ୍ନ କୋର୍ଟର କର୍ମଚାରୀ, ଆଇନସେବା ପ୍ରାଧିକରଣର ସ୍ୱେଚ୍ଛାସେବୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓକିଲ ସଂଘ ପକ୍ଷରୁ ସଭାପତି ବିଷ୍ଣୁମୋହନ ମହାପାତ୍ର, ଉପସଭାପତି ଅମର ବାରିକ, ସମ୍ପାଦକ ବିଜନ କୁମାର ଜେନାଙ୍କ ସମେତ ବରିଷ୍ଠ ଓକିଲମାନେ ହାଇକୋର୍ଟ ବିଚାରପତିଙ୍କୁ ସ୍ୱାଗତ କରିଥିଲେ।



ବିଚାରପତି ସଞ୍ଜୁ ପଣ୍ଡା ଲୋକ ଅଦାଲତକୁ ଉଦ୍‌ଘାଟନ କରୁଛନ୍ତି।

# ୯ରୁ ଧାନବସ୍ତା ରଖି ରାଜପଥ ଅବରୋଧ

**ବସ୍ତା,୬।୩(ସ୍ୱ.ପ୍ର.)**




ବୁଧବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ କର୍ମକର୍ତ୍ତା ।

■ଧାନ କିଣିବେ ବୋଲି କହି ସରକାର ଠକୁଛନ୍ତି

■ରାଜରାସ୍ତାକୁ ଓହ୍ଲାଇବା ଲାଗି ଭାଜପା ପକ୍ଷରୁ ଚେତାବନୀ

■ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ

ଓଡ଼ିଶା ସରକାର ଧାନକିଣା ନେଇ ଚାଷୀଙ୍କୁ ପ୍ରତାରଣା କରିଥିବା ନେଇ ଭାଜପା ଅଭିଯୋଗ କରିଛି। ସରକାରୀ ମଣ୍ଡିରେ ଧାନ କିଣା ଆରମ୍ଭ ପରେ ଏବେ କିଣା ନ ଯିବା କାରଣରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଗୁଜୁରାଣ ମେଣ୍ଟାଇବାକୁ ଅନେକ ଚାଷୀ କମ୍ ଦରରେ ଧାନ ବିକିବାକୁ ବାଧ ହେଉଛନ୍ତି। ଏ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏପରି କି ବିଭିନ୍ନ ସେବା ସମବାୟ ସମିତି ଆଗରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି । ଓଡ଼ିଶା ସରକାର ତୁରନ୍ତ ଏହାର ସମାଧାନ ନକଲେ, ଆସନ୍ତା ୯ତାରିଖରେ ବସ୍ତା ଥାନା ମଥାନୀ ବାଇପାସ ଠାରେ ରାସ୍ତା ଉପରେ ଧାନରଖି ଚାଷୀ ରାଜପଥ ଅବରୋଧ କରିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ଭାଜପା ଚେତାବନୀ ଦେଇଛି।

ଭାଜପା କୃଷକମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁ, କୃଷକ ମୋର୍ଚ୍ଚା ମଣ୍ଡଳ ସଭାପତି ହରେନ୍ଦ୍ର ଦାସ, ଶିବାନନ୍ଦ ଦାସଙ୍କ ସମେତ ଭାଜପା ନେତା ଶ୍ୟାମାପ୍ରସାଦ ବେହେରା, ଜିଲା ସମ୍ପାଦକ ଦେବାଶିଷ ମହାପାତ୍ର, ପ୍ରକାଶ କୁଣ୍ଡୁ, ରଞ୍ଜନ ମହାନ୍ତି, ଦୀନକୃଷ୍ଣ ବେହେରା, ରାସବିହାରୀ ଦାସଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରିଥିଲେ। ସରକାର ସବୁ ଚାଷୀଙ୍କ ଠାରୁ ସମସ୍ତ ଧାନ କିଣିବେ ବୋଲି ପ୍ରଚାର କରୁଥିବା ବେଳେ ଏପର୍ଯ୍ୟନ୍ତ ୭୦ଭାଗ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଫଳରେ ସେମାନେ ଅଭାବୀ ଧାନବିକ୍ରିର ସମ୍ମୁଖୀନ ହୋଇ ଦୁର୍ଦ୍ଦଶାରେ ସଢୁଛନ୍ତି। କାଳିଆ ଯୋଜନାରୁ ବହୁ ଚାଷୀ ବାଦ ପଡ଼ି ଥିବା ଏହି କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ନରେନ୍ଦ୍ର ମୋଦି ସରକାର ପ୍ରଧାନମନ୍ତ୍ରୀ କିଶାନ ସମୃଦ୍ଧି ଯୋଜନାରେ ପ୍ରତି ଚାଷୀଙ୍କୁ ୬ହଜାର ଟଙ୍କା ଦେବାକୁ ଚାହୁଁ ଥିବାବେଳେ ରାଜନୈତିକ ଆକ୍ରୋଶ ରଖି ରାଜ୍ୟସରକାର ହିତାଧିକାରୀଙ୍କ ତାଲିକା ଦେଉନାହାନ୍ତି। ଗରିବ ଚାଷୀଙ୍କୁ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନାରେ ଚିକିତ୍ସା ବାବଦକୁ ୫ଲକ୍ଷ ଟଙ୍କା ପ୍ରଦାନ କରୁଥିବା ବେଳେ ଓଡ଼ିଶା ସରକାର ଏହାକୁ ଲାଗୁ କରିବା ଲାଗି ସହଯୋଗ କରୁନାହାନ୍ତି। ଏଭଳି ଚାଷୀଦମନ ନୀତି ପ୍ରତିବାଦରେ ଆନ୍ଦୋଳନ କରାଯିବା ସହିତ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ୬୦ନଂ. ଜାତୀୟ ରାଜପଥ ଅବରୋଧ ଜାରି ରହିବ ବୋଲି ଭାଜପା କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ